বর্ষ-২৫, সংখ্যা-১৫৫



ବର୍ଷ-୨୫, ସଂଖ୍ୟା-୧୫୫
ଭୁବନେଶ୍ୱର
୦୭, ଜୁନ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 155
Bhubaneswar
07, June, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ବିବାହ କଲେ ଅକ୍କିନେନି

# ୪ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର,୬।୬(ମହାଭାରତ):** ରାଜ୍ୟ କ୍ୟାବିନେଟନ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ୫ ପ୍ରସ୍ତାବ ମଧ୍ୟରୁ ୪ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ସହ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ପାଇଁ ଅର୍ଥବ୍ୟୟବରାଦ ଓ ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। କ୍ୟାବିନେଟ୍‌ରେ ଅନୁମୋଦନ ମିଳିବା ପରେ ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହି ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ କହିଛନ୍ତି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ବିକଶିତ ଓଡ଼ିଶା ୨୦୩୬ ଲକ୍ଷ୍ୟ ସହିତ ସହରୀ ବିକାଶ ପାଇଁ ଏକ ସମନ୍ୱିତ ଆଭିମୁଖ୍ୟ ସହିତ ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ରାଜସ୍ୱ ଅଭିବୃଦ୍ଧି କରାଯିବ। ଏହି ଯୋଜନାରେ ଆଗାମୀ ୫ ବର୍ଷ ଅର୍ଥାତ ଆର୍ଥିକ ବର୍ଷ ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ସର୍ବମୋଟ ୬୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୧୧୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନା ଅଧୀନରେ ସାଧାରଣ ଏବଂ ରାଜସ୍ୱ ସୃଷ୍ଟିକାରୀ ଭିତ୍ତିଭୂମିର ବିକାଶ ଯେପରିକି କଲ୍ୟାଣମଣ୍ଡପ/ ବହୁମୁଖୀ ସଭା ଗୃହ, ଟାଉନ ହଲ୍, ଶ୍ମଶାନ, ଗୋଷ୍ଠୀ କେନ୍ଦ୍ର, ମାର୍କେଟ ପରିସର, ରାସ୍ତା, ଡ୍ରେନ୍, ପାର୍କ, ବହୁବ୍ୟବହାର୍ଯ୍ୟ ବାଣିଜ୍ୟିକ ପରିସର, ଭେଣ୍ଡିଂ ଜୋନ, କ୍ଷୁଦ୍ର ଶୀତଳ ଭଣ୍ଡାର, ବୈଦ୍ୟୁତିକ ମୋଟରଯାନ ଚାର୍ଜିଂ ଷ୍ଟେସନ, ପାର୍କିଂ ସ୍ଥାନ, ଉପଯୁକ୍ତ ସ୍ଥାନଗୁଡ଼ିକରେ କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଛୋଟପାର୍କ, ମୁକ୍ତାକାଶ ବ୍ୟାୟାମଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ଚାଲିବା ରାସ୍ତା, ଖେଳପଡ଼ିଆ, ଖୋଲା ସ୍ଥାନର ବିକାଶ, ବନୀକରଣ ପ୍ରକଳ୍ପ, ଭୋଗମଣ୍ଡପ, ଭାଗବତ ଟୁଙ୍ଗି ଏବଂ ସାଂସ୍କୃତିକ କେନ୍ଦ୍ର ପରି ଧାର୍ମିକ ସ୍ଥାନର ବିକାଶ ଏବଂ ବର୍ଷା ଜଳ ଅମଳ ସଂରଚନା ପ୍ରକଳ୍ପ ସାମିଲ କରାଯାଇଛି।

ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନାକୁ ମଞ୍ଜୁରୀ ମିଳିଛି। ଓଡିଶା ଦେଶରେ ସବୁଠାରୁ ବିବିଧ ଇକୋସିଷ୍ଟମରେ ପରିପୂର୍ଣ୍ଣ। ଏଠାରେ ସମାଜର କଲ୍ୟାଣ ପାଇଁ ଜୈବପ୍ରଯୁକ୍ତି ବିଜ୍ଞାନକୁ ସସ୍ଥାପିତ କରିବା ଏବଂ ପ୍ରୋତ୍ସାହିତ କରିବାର ସମସ୍ତ ଉପାଦାନ ରହିଛି। ଓଡ଼ିଶାର ଅବ୍ୟବହୃତ ପ୍ରାକୃତିକ ସମ୍ପଦର ବ୍ୟାପକ ବାୟୋପ୍ରୋସେଟକିଂ ଏବଂ ଉପଲବ୍ଧ ମାନବସମ୍ବଳର ଉପଯୋଗ କରିବାର ଅନେକ ସମ୍ଭାବନା ରହିଛି। ଓଡ଼ିଶାରେ ଅନେକ ପ୍ରମୁଖ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରହିଛି ଏବଂ ସେଥିମଧ୍ୟରୁ ଅନେକ ଜୈବପ୍ରଯୁକ୍ତି ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଜୈବପ୍ରଯୁକ୍ତି ବିଜ୍ଞାନ ଏବଂ ଆନୁସଙ୍ଗିକ ବିଜ୍ଞାନ କ୍ଷେତ୍ରରେ ଉଚ୍ଚ କୁଶଳୀ ସ୍ନାତକ, ସ୍ନାତକୋତର ଏବଂ ଗବେଷକ ସୃଷ୍ଟି କରୁଛନ୍ତି। ଅପାର ସମ୍ଭାବନାକୁ ହୃଦୟଙ୍ଗମ କରି, ଓଡିଶା ସରକାର ନିଜର ଔଦ୍ୟୋଗିକ ନୀତି ସଙ୍କଳ୍ପ (ଆଇପିଆର), ୨୦୨୨ ରେ ଜୈବପ୍ରଯୁକ୍ତିକୁ ଏକ ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି, ଯେଉଁଥିପାଇଁ କୌଶଳ ଯୁକ୍ତ କର୍ମୀବୃନ୍ଦ, ଗବେଷଣା ଓ ନବସୃଜନ, ଅତ୍ୟାଧୁନିକ ଭିତ୍ତିଭୂମି, ଶିଳ୍ପ କ୍ଷେତ୍ର, ଷ୍ଟାର୍ଟଅପ୍ ଏବଂ ଇନକ୍ୟୁବେଟର ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ' ଜୈବପ୍ରଯୁକ୍ତି ବିଜ୍ଞାନର ବିକାଶ' ଯୋଜନା, ଶିକ୍ଷା, ଶିଳ୍ପ ଓ ଗବେଷଣା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଦ୍ୱାରା ସମାଜକୁ ଲାଭ ଦେବାକୁ ଏବଂ ବିଭିନ୍ନ କ୍ଷେତ୍ରରେ, ଯଥା ଶିଳ୍ପ, କୃଷି, ଚିକିତ୍ସା ଓ ପରିବେଶ ସହିତ ଜୈବପ୍ରଯୁକ୍ତି ବିଜ୍ଞାନ ପ୍ରୟୋଗ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବାକୁ ସହାୟତା କରିବ।



ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ୍ ଡ୍ୟାମ ଏବଂ ସ୍ଲୁଇସ୍ ନିର୍ମାଣ" କାର୍ଯ୍ୟର ଆର୍ଥିକ ବିଡ୍‌କୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଗଜପତି ଜିଲ୍ଲା ଅଧିନସ୍ଥ ଆର.ଉଦୟଗିରି ବ୍ଲକର ଛେଳିଗଡ଼ ଗ୍ରାମ ନିକଟରେ ବଂଶଧାରା ନଦୀର ବଡଜୋର ଉପନଦୀରେ ଏକ ଜଳାଶୟ ନିର୍ମାଣ କରିବା ନିମନ୍ତେ ୨୬୬ ମି. ଦୀର୍ଘ କଂକ୍ରିଟ ଡ୍ୟାମ ସହିତ ୧୨ ମି. ଘ ୬ ମି. ଆକାରର ୭ ଗୋଟି ରେଡିଆଲ ଗେଟ ନିର୍ମାଣ କରିବାର ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିମିତ୍ତ ନଂ ୧୫୧,୭୮,୨୦,୪୭୬/- କୋଟିର ଟେଣ୍ଡରକୁ ଆଜି ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରକଳ୍ପଟିକୁ ଅଠର (୧୮) ମାସ ମଧ୍ୟରେ (ବର୍ଷା ଋତୁକାଳୀନ ସମୟକୁ ଅନ୍ତର୍ଭୁକ୍ତ କରି) ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଅଛି। ଉକ୍ତ ପ୍ରକଳ୍ପଟି ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବ।

"ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ" ସପକ୍ଷରେ ମୌଜା-ଭୁବନେଶ୍ୱର ସହର ୟୁନିଟ ନମ୍ବର-୪୧, ଚନ୍ଦ୍ରଶେଖରପୁରଠାରେ ଆବଂଟିତ ଅତିରିକ୍ତ ସରକାରୀ ଏ.୦.୬୪୪ଡି.ର ଅର୍ଦ୍ଧମୂଲ୍ୟ ବାବଦକୁ ଟ.୨,୬୦,୮୨,୦୦୦/-ଙ୍କା(ଦୁଇକୋଟି ଷାଠିଏ ଲକ୍ଷ ବୟାଅଶୀ ହଜାର) ଛାଡ଼କରିବା ନିମନ୍ତେ କ୍ୟାବିନେଟ ନିଷ୍ପତ୍ତିନେଇଛନ୍ତି।

## ରଥଯାତ୍ରା ପାଇଁ ମନ୍ତ୍ରୀସ୍ତରୀୟ କମିଟି

**ଭୁବନେଶ୍ୱର,୬।୬(ମହାଭାରତ):** ମହାପ୍ରଭୁଙ୍କ ରଥଯାତ୍ରାକୁ ଚଳିତ ବର୍ଷ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି।ଏନେଇ ଆଜି ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଏହି କମିଟିରେ ଆଇନ, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପରିବହନ ମନ୍ତ୍ରୀ ସଦସ୍ୟ ରହିଛନ୍ତି।ସେହିପରି ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ କମିଟିରେ ଆବାହକ ଦାୟିତ୍ୱ ଦିଆଯାଇଛି।

## ୨୦୨୬ରେ ବାଂଲାଦେଶ ନିର୍ବାଚନ

ଢାକା,୬।୬(ମହାଭାରତ): ବାଂଲାଦେଶରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ୨୦୨୬ ଅପ୍ରେଲ ପ୍ରଥମ ସପ୍ତାହରେ ବାଂଲାଦେଶରେ ଜାତୀୟ ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ବାଂଲାଦେଶରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର କାର୍ଯ୍ୟ କରୁଛି। ସମ୍ପ୍ରତି ବାଂଲାଦେଶର ବିଭିନ୍ନ ରାଜନୈତିକ ଦଳ ଡିସେମ୍ବର ସୁଦ୍ଧା ନିର୍ବାଚନ କରିବାକୁ ଦାବି କରିଥିଲେ। ଯାହା ଯୋଗୁଁ ୟୁନୁସଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଏହି ମଧ୍ୟରେ, ଶୁକ୍ରବାର ବାଂଲାଦେଶରେ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି।ନିର୍ବାଚନ ବିଳମ୍ବ ହେଉଥିବାରୁ ୟୁନୁସ ଏବେ ଚାପର ଅଛନ୍ତି ସେନା, ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ଭଳି ବିରୋଧୀ ଦଳ ଏବଂ ତାଙ୍କ ନିଜ ସମର୍ଥକମାନେ ମଧ୍ୟ ତାଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି ।ଏହା ସହିତ, ଦେଶରେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଛି ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି, ଯାହା କାରଣରୁ ୟୁନୁସଙ୍କ ସରକାର ଉପରେ ପ୍ରଶ୍ନ ଉଠାଯାଉଛି।

## ସିଏମଓ ଅଫିସ ନାଁ କହି ଠକି ନେଲେ ଦୁଇ ଲକ୍ଷ

**ଭୁବନେଶ୍ୱର,୬।୬(ମହାଭାରତ) :** ସିଏମଓ ଅଫିସ ନାଁ କହି ଠକେଇ ଅଭିଯୋଗ ହୋଇଛି। ଇଞ୍ଜିନିୟରଙ୍କଠାରୁ ୨ ଲକ୍ଷ ଠକିନେଇଛନ୍ତି ଦୁର୍ବୃତ୍ତ । ଏହି ଠକେଇ ଶିକାର ହୋଇଛନ୍ତି ଅନୁଗୁଳ ରାସ୍ତା ଓ କୋଠାବାଡି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ହରିପାଲ। ଜଣେ ବ୍ୟକ୍ତି ନିଜକୁ ସିଏମଓ ଅଫିସର କର୍ମଚାରୀ ପରିଚୟ ଦେଇ ୨ ଲକ୍ଷ ନଦେଲେ ତାଙ୍କୁ ମାଲକାନଗିରି ପଠାଇଦେବାର ଧମକ ଦେଇଥିଲେ।ଦୁଇଲକ୍ଷ ଟଙ୍କା ନେବା ପରେ ପୁଣି ୫ଲକ୍ଷ ଟଙ୍କା ମାଗିଥିଲେ ଠକ।

# ଚେନାବ ସେତୁ ଲୋକାର୍ପିତ

**ନୂଆଦିଲ୍ଲୀ,୬।୬(ମହାଭାରତ):** ଜମ୍ମୁ-କଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜମ୍ମୁ ଏବଂ କାଶ୍ମୀରର ରିଆସି ଜିଲ୍ଲାରେ ବହୁ ପ୍ରତୀକ୍ଷିତ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ ସେତୁର ଉଦଘାଟନ କରିଛନ୍ତି। ଏହି ଅବସରରେ ମୋଦୀ ଜାତୀୟ ପତକା ଉଡ଼ାଇଥିବାର ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ଚୀନ ଓ ପାକିସ୍ତାନକୁ କଡ଼ା ଚେତାବନୀ ବୋଲି କୁହାଯାଉଛି। ଯେଉଁମାନେ ଭାରତର ସୀମା ଏବଂ ସାର୍ବଭୌମତ୍ୱକୁ ବାରମ୍ବାର ଚ୍ୟାଲେଞ୍ଜ କରୁଛନ୍ତି। ଏହି ସେତୁ ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ସଂଯୋଗ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଚେନାବ ସେତୁର ଉଚ୍ଚତା ୩୫୯ ମିଟର (ପ୍ରାୟ ୧,୧୭୮ ଫୁଟ)ରହିଛି। ଯାହାକି ଏଫିଲ ଟାୱାର ଠାରୁ ଅଧିକ ଥିବା କୁହାଯାଉଛି। ଷ୍ଟିଲ୍ ଏବଂ କଂକ୍ରିଟରେ ତିଆରି ଏହି ସେତୁ କେବଳ ଇଞ୍ଜିନିୟରିଂ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କାଶ୍ମୀର ଉପତ୍ୟକାକୁ ରେଳ ଦ୍ୱାରା ଭାରତର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହିସମୟରେ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଡ଼ଃ ଜିତେନ୍ଦ୍ର ସିଂହ ଓ ଜମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ମଧ୍ୟ



ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି କନ୍ଥନ ଚିନାବ୍ ହଲ୍ଟରେ ପ୍ରକଳ୍ପ ଟିମ୍ ଓ ଶ୍ରମିକମାନଙ୍କ ସହିତ ମଧ୍ୟ କଥା ହୋଇଥିଲେ। ସେ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ତଥ୍ୟ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏହି ଐତିହାସିକ ପ୍ରକଳ୍ପକୁ ସମାପ୍ତ କରିବା ସରକାରଙ୍କ ପାଇଁ ଗର୍ବର ବିଷୟ। ଆମ କାର୍ଯ୍ୟକାଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଗତି ମିଳିଥିଲା ଏବଂ ଆଜି ଆମେ ଏହାକୁ ବାସ୍ତବରେ ଦେଖୁଛୁ।

## ହ୍ରାସ ପାଇଲା ରେପୋ ରେଟ୍

ନୂଆଦିଲ୍ଲୀ,୬।୬(ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ ନୀତିଗତ ସୁଦ ହାର (ରେପୋ ରେଟ୍) କୁ ୦.୫୦ ପ୍ରତିଶତ କମାଇ ଏହାକୁ ୫.୫୦ ପ୍ରତିଶତ କରିଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣ ସଂଜୟ ମଲହୋତ୍ରା ଆଜି ଦ୍ୱିମାସିକ ମୌଦ୍ରିକ ନୀତି କମିଟିର ତିନି ଦିନିଆ ବୈଠକ ପରେ ମୁମ୍ବାଇରେ ଏହି ଘୋଷଣା କରିଛନ୍ତି। ଆରବିଆଇର ଏହି ସିଦ୍ଧାନ୍ତ ଫଳରେ ହୋମ୍ ଲୋନ୍ ଓ କାର୍ ଲୋନର ଇଏମଆଇ ହ୍ରାସ ପାଇବାର ରାସ୍ତା ଖୋଲିଯାଇଛି। ତେବେ ବ୍ୟାଙ୍କମାନେ ସୁଧ ହାର କମାଇବା ଘୋଷଣା ପରେ ଏହା ଚାଲୁ ହେବ।

ଆରବିଆଇ ଗଭର୍ଣ୍ଣ ସଂଜୟ ମଲହୋତ୍ରା ଏମପିସି ବୈଠକରେ ନିଆଯାଇଥିବା ନିଷ୍ପତି ସଂପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମହଙ୍ଗା ଦର କମିଥିବା ପରିପ୍ରେକ୍ଷିରେ ଆରବିଆଇ ଦେଶର ଅର୍ଥନୈତିକ ବୃଦ୍ଧିକୁ ଗତି ଦେବା ପାଇଁ ମୁଖ୍ୟ ନୀତିଗତ ସୁଧ ଦର ରେପୋ ରେଟକୁ ୦.୫୦ ପ୍ରତିଶତ କମାଇ ୫.୫୦ ପ୍ରତିଶତ କରିଛି। ଆରବିଆଇ ଗଭର୍ଣ୍ଣର କହିଛନ୍ତି ଯେ, 'ଚାଲୁଥିବା ଆର୍ଥିକ ବର୍ଷ ୨୦୨୫-୨୦୨୬ ପାଇଁ ବାସ୍ତବିକ ସାମଗ୍ରିକ ଘରୋଇ ଉତ୍ପାଦନ ବୃଦ୍ଧି ହାର ୬.୫୦ ପ୍ରତିଶତ ରହିବା ଅନୁମାନ କରାଯାଇଛି ।

# ୭ ବିଭାଗରେ ୧୨୯୪ ଜଣଙ୍କୁ ନିଯୁକ୍ତିପତ୍ର

ଭୁବନେଶ୍ୱର,୬।୬(ମହାଭାରତ): ବାପା ମାଆଙ୍କ ଆଶୀର୍ବାଦରେ ଆପଣମାନେ ଏହି ଚାକିରୀ ପାଇଛନ୍ତି। ତାଙ୍କ ସେବା ସବୁବେଳେ କରୁଥିବେ ପରିବାର ଲୋକଙ୍କ ମନରେ କେବେହେଲେ କଷ୍ଟ ଦେବେ ନାହିଁ। ଆମ ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ଅଛନ୍ତି, ସେମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାକୁ କେବେ ଭୁଲିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ବିଭିନ୍ନ ବିଭାଗର ନବନିଯୁକ୍ତ ୧,୨୯୪ ଜଣ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଏହି ଦୁଇଟି ମହତ୍ୱପୂର୍ଣ୍ଣ ଉପଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଆଜି ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ୭ଟି ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ଟି ସ୍ନାତକତ୍ତୋର ଶିକ୍ଷକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଏବଂ ଡ୍ରଗ



ଇନସପେକ୍ଟର ପଦବୀକୁ ମିଶାଇ ସମୁଦାୟ ୨୨୪ଟି ପଦବୀ, ବାଣିଜ୍ୟ ଓ ପରିବହନ ବିଭାଗରେ ମୋଟର ଯାନ କନିଷ୍ଠ ନୀରିକ୍ଷକ ଓ ଟ୍ରାଫିକ କନେଷ୍ଟବଲଙ୍କୁ ମିଶାଇ ସମୁଦାୟ ୬୩ଟି ପଦବୀ, ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ୪୯ଟି ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ, ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଆମ ସରକାର ଆସିବା ଦିନଠାରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଉଛି। ୫ ବର୍ଷ ମଧ୍ୟରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ଆମର ଲକ୍ଷ୍ୟ ରହିଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଏହି କ୍ରମରେ ଆଜିକୁ ମିଶାଇ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଗଲା। ଏହି ସବୁ ପଦକ୍ଷେପରେ ଆମ ସରକାରଙ୍କ ବିଚାରଧାରା ପ୍ରତିଫଳିତ ହେଉଛି। (ପୃ-୩)

## ଦୁର୍ଘଟଣାରେ ମାମୁଁଙ୍କ ସହ ଦୁଇ ଭାଣିଜୀ ମୃତ

**ଦିଗପହଣ୍ଡି,୬।୬(ମହାଭାରତ) :** ତେଲ ବୋଝେଇ ଟ୍ରକ୍ ସହ ଏକ ବୁଲେଟ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ମାମୁଁଙ୍କ ସହ ଦୁଇ ଭାଣଜୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଏବେ ସ୍ଥାନୀୟ ଅଂଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାସ୍ଥଳରେ ମାମୁଁଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ଦୁଇ ଭାଣଜୀଙ୍କ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ ଘୋଷଣା କରାଯାଇଛି। ଦିଗପହଣ୍ଡି ପୁଲିସ ତିନି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠେଇ ଘଟଣାର ତଦନ୍ତ କରୁଥିବା ଆଇଆଇସି ପ୍ରଶାନ୍ତ କୁମାର ପତ୍ର ସୂଚନା ଦେଇଛନ୍ତି। ମୃତ ମାମୁଁ ଦିଗପହଣ୍ଡି ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ତ୍ରିନାଥ ରେଡି ବୋଲି ଜଣାପଡ଼ିଛି। ମୃତ ଦୁଇ ଭାଣିଜୀ ହେଲେ ଆସିକା ଥାନା ଅନ୍ତର୍ଗତ ପଥରା ଗ୍ରାମର ରୁଦ୍ରିକା ରେଡି (୫)ଓ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୌତମୀ ଗ୍ରାମର ବର୍ଷା ରେଡି (୧୯) ବୋଲି ପୁଲିସି କହିଛି।




ସତ୍ୟମେବ ଜୟତେ

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୫ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR-15001/13/0671/2526 DADLS-25



ଇଦ୍-ଉଜ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।


ଖବର

## ବିବାହ ବନ୍ଧନରେ ବାନ୍ଧିହେଲେ ନାଗାର୍ଜୁନଙ୍କ ସାନ ପୁଅ



ସାଉଥ ସୁପରଷ୍ଟାର ନାଗାର୍ଜୁନ ଏବଂ ଅମାଲା ଆକ୍କିନେନିଙ୍କ ସାନ ପୁଅ ତଥା ଅଭିନେତା ଅଖିଲ ଆକ୍କିନେନି ଜୈନବ ରାଓଜୀଙ୍କୁ ବିବାହ କରିଛନ୍ତି ଏବଂ ସେମାନଙ୍କ ବିବାହର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଜି ହାଇଦ୍ରାବାଦରେ ପ୍ରେମୀଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀ ରୀତିନୀତି ଅନୁଯାୟୀ ବିବାହ କରି ଆନୁଷ୍ଠାନିକ ଭାବରେ ସ୍ୱାମୀ-ସ୍ତ୍ରୀ ହୋଇଛନ୍ତି। ଦମ୍ପତିଙ୍କ ବିବାହର ପ୍ରଥମ ଫଟୋ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି। ଅନେକ ପ୍ରଶଂସକ ଏବେ ନବ ବିବାହିତ ଦମ୍ପତିଙ୍କୁ ସେମାନଙ୍କ ବିବାହ ପାଇଁ ଅଭିନନ୍ଦନ ଜଣାଉଛନ୍ତି।ଆପଣଙ୍କୁ କହି ରଖୁଛୁ ଯେ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କ ବିବାହର ଅନେକ ଫଟୋ ଇନଷ୍ଟାଗ୍ରାମରେ ପ୍ରକାଶ ପାଇଛି। ଗୋଟିଏ ଫଟୋରେ, ଦମ୍ପତି ପରସ୍ପରର ହାତ ଧରି ଅତିଥିମାନଙ୍କ ସହିତ ଖୁସିରେ ପୋଜ୍ ଦେଉଥିବାର ଦେଖାଯାଇଛି। ଏହି ସମୟରେ, ଅନ୍ୟ ଏକ ଫଟୋରେ, ନାଗାର୍ଜୁନ ତାଙ୍କ ପୁଅ ଅଖିଲ ପାଖରେ ବସି ବିବାହ ସମୟରେ ଏକ ପରମ୍ପରା ପାଳନ କରୁଥିବାର ଦେଖାଯାଉଛି। ହାଇଦ୍ରାବାଦରେ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କ ବିବାହରେ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ।ବିବାହ ଉତ୍ସବରେ ଅଖିଲଙ୍କ ଭାଇ ନାଗା ଚୈତନ୍ୟ ଏବଂ ଭାଉଜ ସୋଭିତା ଧୂଲିପାଲା ଉପସ୍ଥିତ ଥିଲେ। ଚିରଞ୍ଜିବୀ, ରାମ ଚରଣ ଏବଂ ପ୍ରଶାନ୍ତ ନୀଲଙ୍କ ଭଳି ସେଲିବ୍ରିଟି ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ, ଅଖିଲଙ୍କ ବରଯାତ୍ରୀ ଭିଡିଓରେ, ନାଗାର୍ଜୁନ ଏବଂ ନାଗା ଚୈତନ୍ୟଙ୍କୁ ନାଚୁଥିବା ଏବଂ ବହୁତ ମଜା କରୁଥିବାର ଦେଖିବାକୁ ମିଳୁଛି। ଆପଣଙ୍କୁ କହି ରଖୁଛୁ ଯେ ନାଗା ଚୈତନ୍ୟ ଏବଂ ସୋଭିତା ଧୂଲିପାଲାଙ୍କ ବିବାହ ପୂର୍ବରୁ ଅଖିଲ ଆକ୍କିନେନି ଏବଂ ଜୈନବ ରାଓଜୀଙ୍କର ଗତ ବର୍ଷ ନଭେମ୍ବରରେ ନିର୍ବନ୍ଧ ହୋଇଥିଲା।

## ଦୀପ ଓ କର୍ପୂର ଆଳତି



ପ୍ରାଚୀନ କାଳରୁ ଆମ ଦେଶରେ ଅନେକ ପରମ୍ପରା ରହିଆସିଛି। ଯାହାକୁ ଏବେ ବି ପାଳନ କରାଯାଏ। ଯେପରି ଦେଶୀ ଘିଅରେ ଦୀପ ଜାଳିବା ଏବଂ କର୍ପୂରରେ ଦେବାଦେବୀଙ୍କୁ ଆଳତି କରିବା ପ୍ରଥା ପ୍ରଚଳନ ହୋଇଆସୁଛି। ଧାର୍ମିକ ମାନ୍ୟତା ଅନୁସାରେ ଆରତୀ କଲେ ଦେବାଦେବୀ ପ୍ରସନ୍ନ ହୋଇ ବରଦାନ ଦେଇଥାନ୍ତି। ସାଧକର ମନୋକାମନା ପୂର୍ଣ୍ଣ ହୋଇଥାଏ। ଏଥିସହ ଦେବଦୋଷ ଏବଂ ପିତୃଦୋଷ ଲାଘବ ହୁଏ। ତେଣୁ କର୍ପୂର ଆରତୀ ଶୁଭ। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ କର୍ପୂର ଜାଳିବା ଭଲ। ଏହା ଦ୍ୱାରା ବାତାବରଣରେ ଶୁଦ୍ଧତା ଆସିଥାଏ। ଅନେକ ଜୀବାଣୁ-କୀଟାଣୁ ନଷ୍ଟ ହୋଇଯାଇଥାନ୍ତି। ଶରୀର ଉପରେ ରୋଗର ଆକ୍ରମଣ ସହଜରେ ହୋଇପାରିନଥାଏ। ଏହିପରି ଅନେକ କିଛି। ତେଣୁ କର୍ପୁରରେ ଆରତୀ କରିବା ଅନେକ ଶୁଭଫଳ ଦେଇଥାଏ।

## ସାମାଜିକ ଜୀବନରେ ସ୍ୱଚ୍ଛତା



ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ। ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ। ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ। ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ। ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା। ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି। ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା। ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ। କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି। ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ। ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ। ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ। କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ। ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି। ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ।

## ଏସିଡିଟି ଦୂର କରିଥାଏ ଏହି ଆୟୁର୍ବେଦ ଔଷଧି: ଗଣ୍ଠି ଯନ୍ତ୍ରଣାରୁ ବି ମିଳିଥାଏ ଆରାମ



ମାଲାବାର ବାଦାମ ଏକ ଔଷଧୀୟ ଗଛ। ଏହାର ଉପଯୋଗ ଆୟୁର୍ବେଦ, ହୋମିଓପାଥି, ୟୁନାନି ଚିକିତ୍ସା ପ୍ରଣାଳୀ ଦ୍ୱାରା କରାଯାଇଥାଏ। ସାଧାରଣତଃ ଏସିଆରେ ଏହି ଗଛ ଲଗାଯାଇଥାଏ। ଶୀତ ଋତୁରେ ଔଷଧ ତିଆରି କରିବାକୁ ଏହି ଗଛ ବ୍ୟବହାର କରାଯାଏ। ଏହାର ପତ୍ର ବହୁତ ଶକ୍ତିଶାଳୀ। ଏହାର ପତ୍ରରୁ ଆରମ୍ଭ କରି ଚେର ଯାଏଁ ସବୁ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହାର କରଯାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ମାଲାବାର ବାଦାମ ଗଛର ପତ୍ର, ଫୁଲ, ଚେର, ଛାଲ ଆୟୁର୍ବେଦରେ ହଜାର ହଜାର ବର୍ଷ ହେଲା ବ୍ୟବହୃତ ହେଉଛି। ଏଥିରେ ଜୀବଣୁରୋଧୀ ଗୁଣ ରହିଛି। ତାଛଡା ସୁଜନ କାମ କରିବା ଏବଂ ରକ୍ତ ସଫା କରିବା ଗୁଣ ମଧ୍ୟ ଅଛି। ଏହା ସାଧାରଣତଃ ଶ୍ୱାସ ରୋଗ ଏବଂ ଥଣ୍ଡା-କାଶ ସମ୍ବନ୍ଧୀୟ ସମସ୍ୟା ଦୂର କରିବାକୁ ଉପଯୋଗ କରାଯାଇଥାଏ। ତାଛଡା ଆହୁରି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ଥଣ୍ଡା-କାଶ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ଏହାର ୭-୮ଟି ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଛାଣି ସେଥିରେ ମହୁ ମିଶାଇ ସେବନ କରିପାରିବେ। ମାଲାବାର ବାଦାମ ବା ଅଡୁସାରେ ଆଣ୍ଟିଭାୟରାଲ ଗୁଣ ରହିଛି ଯାହା ଭାଇରାଲ ସଂକ୍ରମଣ ପାଇଁ ବହୁତ ପ୍ରଭାବଶାଳୀ। ଏହା ବନ୍ଦ ନାକ ଖୋଲିବାରେ ସାହାଯ୍ୟ କରିଥାଏ। ଆଜିକାଲି ଏସିଡ଼ିଟି ବା ପେଟରେ ଜ୍ୱଳନ ଏକ ସାଧାରଣ ସମସ୍ୟା ହୋଇଗଲାଣି। ପେଟରେ ଅମ୍ଳ ପଦାର୍ଥ ଖାଦ୍ୟନଳୀକୁ ଆସିବା ଏସିଡ଼ିଟିର ମୁଖ୍ୟ କାରଣ। ଏହିଭଳି ସ୍ଥିତିରେ ଅଡୁସା ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ପେଟର ଜ୍ୱଳନ ବା ଏସିଡ଼ିଟି କାମ କରିଥାଏ। ଅଡୁସା ପାଉଡର, ଜଷ୍ଟିମଧୁ ପାଉଡର ଅଁଳା ପାଉଡରକୁ ସମାନ ପରିମାଣରେ ମିଶାଇ ପ୍ରତିଦିନ ଏହାର ସେବନ କଲେ ଏସିଡ଼ିଟି ଦୂର ହୋଇଥାଏ। ବ୍ରୋଙ୍କାଇଟିସରେ ବ୍ରୋଙ୍କିଆଲ୍ ଟ୍ୟୁବରେ ବା ଶ୍ୱାସନଳୀ, ନାକ, ପାଟି ଓ ଫୁସଫୁସରେ ସ୍ନାୟୁନଳୀରେ ସୁଜନ ହୋଇଯାଇଥାଏ। ଯାହାଫଳରେ କାଶ ହୋଇଥାଏ। ଏଥିପାଇଁ ଛାତିରେ ଯନ୍ତ୍ରଣା ଅନୁଭୂତ ହେବାସହ ହାଲୁକା ଜ୍ୱର, ନିଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଅଡୁସା ସେବନ ଦ୍ୱାରା ବାୟୁ ମାର୍ଗ ଖୋଲିଯାଇଥାଏ ଏବଂ ନିଶ୍ୱାସ ନେବାରେ ଅସୁବିଧା ହୋଇନଥାଏ। ତାସହ କାଶ ମଧ୍ୟ ଦୂର ହୋଇଥାଏ। ଗଣ୍ଠି ବିନ୍ଧା ମଧ୍ୟ ଏକ ସାଧାରଣ ସମସ୍ୟା ହୋଇଗଲାଣି। ଆଜିକାଲି କାମ ବୟସରୁ ଗଣ୍ଠି ବିନ୍ଧା ଆରମ୍ଭ ହୋଇଯାଉଛି। ଶରୀରରେ ୟୁରିକ୍ ଏସିଡ୍ ସ୍ତର ବଢିଗଲେ ମଧ୍ୟ ଗଣ୍ଠି ଦରଜ ହୋଇଥାଏ। ଅଡୁସା ୟୁରିକ୍ ଏସିଡ୍ ସ୍ତରକୁ କାମ କରିବାରେ ସାହାଯ୍ୟ କରିଥାଏ ଏବଂ ଯନ୍ତ୍ରଣାରୁ ଆରାମ ମିଳିଥାଏ।



## ସପୁରି ବଢ଼ାଏ ରୋଗ ପ୍ରତିଷେଧକ ଶକ୍ତି

ଓଜନ କମାଇବାକୁ ସମସ୍ତେ ଚାହାନ୍ତି, କାରଣ ଓଜନ ପାଇଁ ଯେତେ ସବୁ ସମସ୍ୟା। ଆଜି ଆମେ ଏମିତ କିଛି ଟିପ୍ସ ଦେବୁ ଯାହାଦ୍ୱାରା ଆପଣ ଓଜନ କମାଇବା ସହ ଇମ୍ୟୁନିଟି ବା ପ୍ରତିଷେଧକ ଶକ୍ତି



ବଢ଼ାଇ ପାରିବେ। ଓଜନ କମାଇବା ପାଇଁ ସବୁଠୁ ଭଲ ଉପାୟ ଆପଣଙ୍କ ଖାଦ୍ୟରେ ଅଧିକ ଫଳ ସାମିଲ କରିବା। ଫଳରେ ଫାଇବର ଓ ଭିଟାମିନ ପ୍ରଚୁର ମାତ୍ରାରେ ମିଳିଥାଏ ଯଦ୍ୱାରା ମେଟାବୋଲିଜିମ ଠିକ୍ ହୋଇଥାଏ ଏବଂ ଓଜନ କମାଇବାରେ ସାହାଯ୍ୟ ମିଳିଥାଏ। ସପୁରି ଖାଇବା ଦ୍ୱାରା ମିଳିଥାଏ ଏହି ଫାଇଦା-

- ମୋଟାପଣ କମ କରିବା ପାଇଁ ସପୁରୀ ଖାଇବା ଜରୁରୀ ଅଟେ। ଏହାଦ୍ୱାରା ଓଜନ କମିବା ସହିତ ହାଡ଼ ମଧ୍ୟ ମଜଭୁତ ହୋଇଥାଏ।
- ସପୁରୀରୁ ମିଳିଥାଏ ବହୁତ ମାତ୍ରାରେ ଫାଇବର ଯାହାଦ୍ୱାରା ପାଚନ ତନ୍ତ୍ର ମଜବୁତ ହୋଇଥାଏ।
- ସପୁରୀ ଖାଇବା ଦ୍ୱାରା ଶରୀରରେ ଲେପଟିନ ହର୍ମୋନ କମ ହୋଇଥାଏ ଯଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇ ପାରେ। ଯାହାଙ୍କର ଓଜନ ଅଧିକ ହୋଇଥାଏ ତାଙ୍କ ଶରୀରରେ ଲେପଟିନର ମାତ୍ରା ଅଧିକ ହୋଇଥାଏ।
- ହାଡ଼ ମଜଭୁତ କରିବା ପାଇଁ ଆପଣଙ୍କୁ ସପୁରି ନିଶ୍ଚିତ ଭାବରେ ଖାଇବା ଆବଶ୍ୟକ। ଏଥିରେ ମାଗ୍ନେସିଅମ ଏବଂ କ୍ୟାଲସିୟମ ରହିଥାଏ ଯାହା ହାଡର ଦୁର୍ବଳତାକୁ ଦୂର କରିଥାଏ।
- ସପୁରୀରେ ଏଣ୍ଟିଇଂଫ୍ଲେମେଟରୀ ଗୁଣ ମିଳିଥାଏ ଯାହାଦ୍ୱାରା ଆସ୍ଥମା ସମସ୍ୟା ଦୂର ହୋଇଥାଏ। କୌଣସି ଅଙ୍ଗ ଫୁଲି ଯାଇଥିଲେ, ସପୁରି ଖାଇବା ଦ୍ୱାରା ଭଲ ହୋଇଯାଇଥାଏ।
- ସପୁରୀ ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହାକୁ ଖାଇବା ଦ୍ୱାରା ଥଣ୍ଡା କାଶ ଏବଂ ଜ୍ୱର ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ। ସପୁରୀ ଖାଇବା ଦ୍ୱାରା କ୍ୟାନସର ଭଳି ଗମ୍ଭୀର ରୋଗର ବିପତ୍ତି ଠାରୁ ରକ୍ଷା ମିଳିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ଫ୍ୟାସନ ହେଉଛି ସଂସ୍କୃତି, ପରିଚୟ ଏବଂ ପ୍ରଗତିର ଭାଷା : ରାଜ୍ୟପାଳ




ଭୁବନେଶ୍ୱର,୬।୬(ମହାଭାରତ): ଫ୍ୟାସନ କପଡା ଏବଂ ସୂତା ଅପେକ୍ଷା ଅଧିକ। ଏହା ସଂସ୍କୃତି, ପରିଚୟ ଏବଂ ପ୍ରଗତିର ଭାଷା ବୋଲି ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାସନ ଟେକ୍ନୋଲୋଜି (ନିଫ୍ଟ) ଆନୁକୂଲ୍ୟରେ ଆୟୋଜିତ ଗ୍ରାଜୁଏସନ୍ ସୋ-୨୦୨୫ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଡିଜାଇନରମାନେ ଏହି ଭାଷାର କାହାଣୀକାର, ଉଦ୍ଭାବକ ଏବଂ ଧ୍ୱଜାବାହକ । ଡିଜାଇନର ମାନେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ସୃଷ୍ଟି କରିବା ସ୍ଥାୟିତ୍ୱକୁ ଗ୍ରହଣ କରିବା ଏବଂ ବିଶ୍ୱ ସୃଷ୍ଟି କୋଣକୁ ଆପଣେଇ ଆମ ଦେଶର ସମୃଦ୍ଧ ଐତିହ୍ୟ ପ୍ରତି ସମ୍ମାନ ଜଣାଇବାକୁ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ ଡିଜାଇନ୍ ଜଗତ ସର୍ବଦା ବିକଶିତ ହେଉଥିବା ବେଳେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାସନ୍ ଟେକ୍ନୋଲୋଜି ଭୁବନେଶ୍ୱରରେ ଛାତ୍ରଛାତ୍ରୀମାନେ ହାସଲ କରିଥିବା ଶିକ୍ଷା ଏବଂ ଅଭିଜ୍ଞତା ସେମାନଙ୍କୁ ଭବିଷ୍ୟତରେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସଶକ୍ତ କରିବ । ସେମାନେ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖି ନିଜ ଦୃଷ୍ଟିକୋଣ ପ୍ରତି ଅନୁରକ୍ତ ରହିବା ସହିତ କେବେବି ଶିଖିବା ବନ୍ଦ କରନ୍ତୁ ନାହିଁ ବୋଲି ରାଜ୍ୟପାଳ କହିଥିଲେ। ଫ୍ୟାସନ୍ ଏବଂ ବୟନ ଶିଳ୍ପର ଦ୍ରୁତ ପରିବର୍ତ୍ତନଶୀଳ ଚାହିଦା ପୂରଣ ପାଇଁ ଡିଗ୍ରୀଧାରୀ ପ୍ରସ୍ତୁତ କରିବାରେ ନିଫ୍ଟ ଭୁବନେଶ୍ୱରର ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି କାର୍ଯ୍ୟକ୍ରମ କେବଳ ସ୍ନାତକ ଛାତ୍ର ଛାତ୍ରୀଙ୍କ ପାଇଁ ନୁହେଁ, ବରଂ ଫ୍ୟାସନ ଏବଂ ଡିଜାଇନ୍ ପରିମଣ୍ଡଳକୁ ଆକାର ଦେଉଥିବା ଏହି ପ୍ରତିଷ୍ଠିତ ନିଫ୍ଟ ପାଇଁ ମାଇଲଖୁଣ୍ଟ ବୋଲି କହିଥିଲେ। ନିଫ୍ଟର ଜାତୀୟ ଏବଂ ଆନ୍ତର୍ଜାତୀୟ ମାନ୍ୟତା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଡିଜାଇନ୍ ନବସୃଜନକୁ ପ୍ରୋତ୍ସାହିତ କରିବା, ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଏବଂ ଆଧୁନିକ କୌଶଳ ସହିତ ସେଗୁଡ଼ିକୁ ସମନ୍ୱିତ କରିବାରେ ନିଫ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ନିଫ୍ଟ ନିରନ୍ତର ଭାବେ ବିଶ୍ୱସ୍ତରରେ ଶ୍ରେଷ୍ଠ ୧୦ ଫ୍ୟାସନ ସ୍କୁଲ ମଧ୍ୟରେ ସ୍ଥାନ ପାଇବା ଜାଣି ଖୁସି ବ୍ୟକ୍ତ କରିଥିଲେ । ସେମାନଙ୍କର ସୃଜନଶୀଳତା, ବୈଷୟିକ ସୂକ୍ଷ୍ମତା ଏବଂ ଭାବର ଗଭୀରତା ପାଇଁ ପ୍ରଦର୍ଶିତ ସଂଗ୍ରହଗୁଡ଼ିକୁ ରାଜ୍ୟପାଳ ପ୍ରଶଂସା କରି ଏହା ସେମାନଙ୍କର କଠିନ ପରିଶ୍ରମ, ଦୃଷ୍ଟିକୋଣ ଏବଂ ଡିଜାଇନ୍ ମାଧ୍ୟମରେ ପରିବର୍ତ୍ତନକୁ ପ୍ରେରଣା ଦେବାର କ୍ଷମତାକୁ ପ୍ରତିଫଳିତ କରୁଛି ବୋଲି କହିଥିଲେ । ରାଜ୍ୟପାଳ ଅଧ୍ୟାପକ ମାନଙ୍କର ଭୂମିକାକୁ ମଧ୍ୟ ପ୍ରଶଂସା କରିଥିଲେ ଏବଂ ପିତାମାତାଙ୍କର ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ନିଫ୍ଟ ନିର୍ଦ୍ଦେଶକ ରାଜେଶ କୁମାର ଝା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଆମର ପ୍ରତିବଦ୍ଧତା : ଧର୍ମେନ୍ଦ୍ର



ଇନ୍ଦୋର /ଭୁବନେଶ୍ୱର,୬।୬(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତରେ ଥିବା ବେଳେ ଆଜି ସେଠାରେ ଶିକ୍ଷା ମନ୍ତ୍ରଣାଳୟ ସହ ସମ୍ବୋଧିତ ସଂସଦର ପରାମର୍ଶଦାତା ସମିତିର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ସ୍କୁଲ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରାଯାଇଯାଇଥିଲା ।

ଏ ସମ୍ପର୍କରେ ଶ୍ରୀ ପ୍ରଧାନ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହାସହ ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଅଂଶଗ୍ରହଣ କରି ମୂଲ୍ୟବାନ ପରାମର୍ଶ ଦେଇଥିବାରୁ କମିଟି ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଶ୍ରୀ ପ୍ରଧାନ । ସେ ଏହା ମଧ୍ୟ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ଶିକ୍ଷାର ମାଧ୍ୟମ ମୁଖ୍ୟତଃ ଭାରତୀୟ ଏବଂ ସ୍ଥାନୀୟ ଭାଷାରେ ହେବ । ସେ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମ ସମେତ ସ୍ଥାନୀୟ ଭାଷାରେ ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ଆଇଆଇଟି ଭଳି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ଭାଷାରେ ପୁସ୍ତକ ଯୋଗାଇବା ପ୍ରାଥମିକତା ରହିଛି । ବିଷୟବସ୍ତୁ ଅନୁବାଦରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଭାଷା ଅନୁବାଦ ପାଇଁ ଏଆଇ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଞ୍ଚଳ କିମ୍ବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ, ପ୍ରଯୁକ୍ତିବିଦ୍ୟା ସେମାନଙ୍କ ପସନ୍ଦର ଭାଷାରେ ବିଷୟବସ୍ତୁ ବୁଝିବାରେ ସାହାଯ୍ୟ କରିପାରିବ, ସେ ଆହୁରି ମଧ୍ୟ କହିଛନ୍ତି । ଶ୍ରୀ ପ୍ରଧାନ ଏହା ମଧ୍ୟ କହିଛନ୍ତି ଯେ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦୃଢ଼ ଏବଂ ବିକଶିତ ଅର୍ଥନୀତି ଆବଶ୍ୟକ,ଏବଂ ଏହି ଦୃଷ୍ଟିକୋଣକୁ ସାକାର କରିବାରେ ଶିକ୍ଷା ମୁଖ୍ୟ ବାହକ ହେବ। ଏହି ବୈଠକରେ ଉତ୍ତର-ପୂର୍ବ କ୍ଷେତ୍ରର ଶିକ୍ଷା ଏବଂ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ, ଏଆଇସିଟିଇ, ୟୁଜିସି ଏବଂ ଭାରତୀୟ ଭାଷା ସମିତିର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗ ଦେଇଥିଲେ।ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହ ରତଲାମ ଆଲୋଟ୍ ସ୍ଥିତ ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଛାତ୍ରାବାସ ଓ କର୍ମଚାରୀ ଭବନ ସହିତ ଆଲୋଟ୍ ଠାରେ ସାନ୍ଦିପନୀ ବିଦ୍ୟାଳୟର ଲୋକାର୍ପଣ କରିଥିଲେ । ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଶିକ୍ଷା ଆବଶ୍ୟକତାକୁ ପୂରଣ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ ।

# ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ମହମ୍ମଦ ରଫିକ୍‌ଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



**ଭୁବନେଶ୍ୱର, ୬।୬(ମହାଭାରତ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ପୁରାତନ ମେଲଛାମୁଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ମହମ୍ମଦ ରଫିକ୍‌ଙ୍କ ୭୧ ବର୍ଷ ବୟସରେ ଆଜି ପରଲୋକ ଘଟିଛି । ସେ କିଛିଦିନ ହେବ ବରଗଡ଼ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତଃ ରଫିକ୍ ୨୦୦୪ରୁ ୨୦୦୯ପର୍ଯ୍ୟନ୍ତ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରର ବିଧାୟକ ଥିଲେ। ଏଥିସହ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ସୋହେଲା ଦୁର୍ଗାପୂଜା କମିଟିର ଉପସଭାପତି ମଧ୍ୟ ଥିଲେ। ନିଜର ଅମାୟିକ ବ୍ୟବହାର, ସରଳ ସ୍ୱଭାବ ପାଇଁ ସାଧାରଣଲୋକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ତାଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଓ ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି ଶୋକବ୍ୟକ୍ତ କରିଛନ୍ତି।

ସ୍ୱର୍ଗତଃ ରଫିକ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ଶ୍ରୀ ସାମଲ ଓ ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି ।

# ସମ୍ବିତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଯୁବ କଂଗ୍ରେସ

**ଭୁବନେଶ୍ୱର,୬।୬(ମହାଭାରତ)।** ପୁରୀ ସାଂସଦ ଜଣେ ବାଚାଳ। ନିଜକୁ ଚର୍ଚ୍ଚା ଭିତରକୁ ଆଣିବାପାଇଁ ସେ ଅନେକ ଥର ଅନେକ ଅଯୌକ୍ତିକ ମନ୍ତବ୍ୟ ଦେଇ ସାଧାରଣରେ ନିନ୍ଦିତ ହୋଇଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଯେଉଁ ଅପମାନ ସୂଚକ ମନ୍ତବ୍ୟ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ।

ଦେଶପାଇଁ ଯେଉଁ ଗାନ୍ଧୀ ପରିବାର ସମର୍ପିତ ସେହି ଗାନ୍ଧୀର ପରିବାରର ଦାୟାଦ ହେଉଛନ୍ତି ରାହୁଲ ଗାନ୍ଧୀ । ଭାରତର ଅଖଣ୍ଡତା ଓ ସୁରକ୍ଷା ପାଇଁ ସଦା ସର୍ବଦା ସେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କୁ ଚୀନ୍ ଆଉ ପାକିସ୍ତାନ ଠାରୁ ଅର୍ଥ ନେବା ଏବଂ ଦେଶଦ୍ରୋହୀ କହି ଆରୋପ କରିବା ଦୁର୍ଭାଗ୍ୟଜନକ । ଏହାକୁ ସାଧାରଣରେ ପାଗଳର ପ୍ରଳାପ ବୋଲି କୁହାଯାଇପାରେ । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ମୋଦି ସରକାର ବହୁ ଚାଇନା କମ୍ପାନୀଙ୍କୁ ସିକ୍ୟୁରିଟି କ୍ଲିୟରାନ୍ସ ଦେଇଛନ୍ତି । ତେବେ ଚାଇନା ସମ୍ପର୍କରେ ମୋଦି ରହିଛନ୍ତି ନା ରାହୁଲ ଗାନ୍ଧୀ ରହିଛନ୍ତି ଏହା ଜଣାପଡ଼ିଯାଉଛି । ଦେଶର ବିରୋଧୀ ଦଳର ନେତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଜଣେ ସାଂସଦ ଦେବା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ । ଭାରତୀୟ ଜନତାପାର୍ଟି କେନ୍ଦ୍ରରେ ସରକାରରେ ଅଛି। ତାଙ୍କ ପାଖରେ ସମସ୍ତ ବିଧି ବ୍ୟବସ୍ଥା ରହିଛି। ସମ୍ବିତ ପାତ୍ରଙ୍କ ଉପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ରହିଛନ୍ତି । ଏ ଖବର ସମ୍ବିତ ପାତ୍ରଙ୍କୁ ଜଣାପଡ଼ିଲା କିନ୍ତୁ ସେମାନେ କେମିତି ଜାଣିପାରିଲେ ନାହିଁ ବୋଲି ସୟଦ ୟାସିର ନୱାଜ ପ୍ରଶ୍ନ କରିଛନ୍ତି । ସମ୍ବିତ ପାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ । ସେ ଲୋକ ସଭାର ବିରୋଧୀ ଦଳ ନେତାଙ୍କୁ ଅପମାନିତ କରିଛନ୍ତି ।

କଳାପତାକା ପ୍ରଦର୍ଶନ ଅଗଣତାନ୍ତ୍ରୀକ ନୁହେଁ । ନିକଟରେ କେରଳ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ ପ୍ରସଙ୍ଗକୁ ନେଇ କେରଳ ହାଇକୋର୍ଟ କହିଛନ୍ତି ଯେ କଳାପତାକା ଦେଖାଇବା ବେଆଇନ ନୁହେଁ । ଏଣୁ ସେ କଳାପତାକା ପ୍ରଦର୍ଶନକାରୀଙ୍କ କେସକୁ ଖାରଜ କରିଦେଇଥିଲେ । ସେହିଭଳି କଳାପତାକା ପ୍ରଦର୍ଶନ କରିଥିବା ଯୁବ କଂଗ୍ରେସର କର୍ମୀମାନଙ୍କ ଉପରେ ୧୦୯ ଭଳି ହତ୍ୟା ଦଫା ଲଗାଇବା ଦୁର୍ଭାଗ୍ୟଜନକ। ବିଜେପି ସରକାର ବିରୋଧ ଦଳର ଅଧିକାରକୁ ଛଡ଼ାଇ ଦେବାପାଇଁ ଅପଚେଷ୍ଟା କରୁଛନ୍ତି। ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧ ଦଳର ଭୂମିକାକୁ ସଂପୂର୍ଣ୍ଣ ବନ୍ଦ କରିଦେବାକୁ ବିଜେପି ଚକ୍ରାନ୍ତ କରୁଛି । ଯୁବ କଂଗ୍ରେସ ଅଣ୍ଡା, ଟେକା, କାଦୁଅ କି କାଳି ଫିଙ୍ଗିନାହିଁ। କେବଳ କଳାପତାକା ଦେଖାଇ ଅସନ୍ତୋଷ ବ୍ୟକ୍ତ କରିଛି । ତୁରନ୍ତ ଯୁବ କଂଗ୍ରେସ କର୍ମୀଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମକଦ୍ଦମାକୁ ଉଠାଇନେବାକୁ ଯୁବ କଂଗ୍ରେସ ଦାବି କରୁଛି। ପୋଲିସ ପ୍ରଶାସନ ନିରପେକ୍ଷ ରୁହନ୍ତୁ । କ୍ଷମତାଶୀନ ସରକାରର ଇଙ୍ଗିତରେ ବିରୋଧ ଦଳର କଣ୍ଠରୋଧ କରିବାପାଇଁ ଚେଷ୍ଟା ନକରନ୍ତୁ ବୋଲି ସୟଦ ୟାସିର ନୱାଜ କହିଛନ୍ତି ।

# ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନା ସମୀକ୍ଷା

**ଭୁବନେଶ୍ୱର,୬।୬(ମହାଭାରତ):** କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ଖରିଫ ଋଷ ପାଇଁ ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯାଇଛି । ଶ୍ରୀ ଅନ୍ନ ଅଭିଯାନ କୃଷି ବିଭାଗର ଏକ ଯୁଗାନ୍ତକାରୀ ଯୋଜନା କ୍ଷ ଏହା ଆମ ରାଜ୍ୟର ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ, ସୁଆଁ, ବାଜରା, କାଙ୍ଗୁ ଇତ୍ୟାଦିର ପୁନରୁଦ୍ଧାର କରିବାରେ ବିଶେଷ ରୂପେ ଫଳପ୍ରଦ ହୋଇପାରିଛି। ଏହି ଯୋଜନାର ସୁଫଳ ଯୋଗୁଁ ଗରିବଙ୍କ ଖାଦ୍ୟ ଆଜି ପଞ୍ଚତାରକା ରେସ୍ତୋରାଁରେ ପହଞ୍ଚି ପାରିଛି । କେବଳ ସେତିକି ନୁହେଁ ଆଜି ଦୈନନ୍ଦିନ ଜୀବନରେ ବହୁ ନେତା, ଅଭିନେତାଙ୍କ ଖାଦ୍ୟ ତାଲିକାରେ ସାମିଲ ହୋଇପାରିଛି। ଆସନ୍ତା ଖରିଫ ଋତୁରେ ଶ୍ରୀ ଅନ୍ନର ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା, ବିକ୍ରୟରେ ବୃଦ୍ଧି ଇତ୍ୟାଦି ବିଷୟରେ ଅଧିକ ଗୁରୁ ଦେବାକୁ ଡ଼ ପାଢୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଅଧିକ ଜମିରେ ମାଣ୍ଡିଆ। ଜାତୀୟ ଫସଲ ଋଷ କରି ଓଡ଼ିଶାକୁ ଶ୍ରୀଅନ୍ନର ହବ୍ କରିବାକୁ ପରାମର୍ଶ ଦେଇଛନ୍ତି। ଏହା କେବଳ ଲୋକଙ୍କୁ ରୋଜଗାର ପ୍ରଦାନ କରୁନି ବରଂ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟଙ୍କୁ ଆର୍ଥିକରୂପେ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରୁଛି ଏବଂ ଆମକୁ ଆମର ପାରମ୍ପରିକ ଖାଦ୍ୟ ସଂସ୍କୃତି ସହ ଯୋଡ଼ି ରଖୁଛି ବୋଲି ସଚିବ ଡ଼ ପାଢୀ ଅଭିହିତ କରିଥିଲେ। ବୈଠକରେ କୃଷି ବିଭାଗ ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଭାରତୀୟ ପୁଷ୍ଟିଶସ୍ୟ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ, ଡିନ ଗବେଷଣା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର, ଭାରତୀୟ ଖାଦ୍ୟ ନିଗମ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଓଏସଏସଓପିସିଏ , ରାଜ୍ୟ ବିହନ ନିଗମ, ଆପିକଲ୍, ଟିଡିସିସିଓଏଲ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ - ୱାପକୋସ୍ ଲିମିଟେଡ୍ ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର,୬।୬(ମହାଭାରତ):** ଭବିଷ୍ୟତର ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ଭାରତର ପ୍ରତିବଦ୍ଧତା ସ୍ୱରୂପ, ଭାରତ ସରକାର ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ୫୦୦ ଗିଗାୱାଟ କ୍ଷମତା ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷିରେ ଆଜି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ମୁଖୀଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁ ନିଗମ ଲିମିଟେଡ୍ ଏବଂ ୱାପକୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପଡ଼ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପକୋସ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି ।ଏହା ଏକ ବିଶାଳ ଶକ୍ତି ସଂରକ୍ଷଣ ପ୍ରଣାଳୀ ଯାହା ଗ୍ରୀଡରେ ଉପଲବ୍ଧ ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ପମ୍ପ ସାହାଯ୍ୟରେ ଉଠାଯାଏ ଏବଂ ସର୍ବାଧିକ ବିଦ୍ୟୁତ୍ ଚାହିଦା ସମୟରେ ବିଦ୍ୟୁତ ଉତ୍ପାଦନ ପାଇଁ ସେହି ପାଣିକୁ ତଳକୁ ଛଡ଼ାଯାଏ। ଓଏଚପିସି ଏହାର ୬୦୦ ମେଗାୱାଟ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହିତ ବିଦ୍ୟମାନ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି ।

# ୧ ବର୍ଷର ରିପୋର୍ଟ କାର୍ଡ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ନିମାପଡ଼ା/ଭୁବନେଶ୍ୱର, **୬।୬(ମହାଭାରତ):**'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ର ଦ୍ୱିତୀୟ ଅଧିବେଶନରେ ବର୍ଷକର କାମ ବାବଦରେ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା। ସେ ଏହି ଅବସରରେ କହିଛନ୍ତି, 'ଦେଶ ବିଦେଶରେ ଓଡ଼ିଶାର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ମିଳୁଥିବା ସମ୍ମାନ ନିମାପଡ଼ା-ଗୋପବାସୀଙ୍କର ସମ୍ମାନ। ଗତ ନିର୍ବାଚନରେ ଅନେକ ଜନସାଧାରଣ, ଅନେକ ମହିଳା ଏବଂ ଅନେକ ଗୁରୁଜନଙ୍କ ଆଶୀର୍ବାଦ ମିଳିଛି। ସେମାନଙ୍କୁ କୃତଜ୍ଞତା ଜଣାଉଛି।'

ସେ ଆହୁରି ମଧ୍ୟ କହିଥିଲେ, ନିର୍ବାଚନରେ କଥା ଦେଇଥିଲି ଯଦି ଆପଣଙ୍କ ଭଉଣୀ କେବେ ବିଧାୟିକା ହେବାର ସୁଯୋଗ ପାଇବ ଅଫିସର ଆପଣଙ୍କ ଦାଣ୍ଡକୁ ଯିବେ, ଆପଣ ଅଫିସରଙ୍କ ଦାଣ୍ଡକୁ ଯିବେନି। ମୋର ବର୍ଷେ ପୂର୍ତ୍ତି ହେବା ଭିତରେ ଉତ୍କର୍ଷ ସମ୍ମିଳନୀରେ ୧୧ଟି ବିଭାଗର ୩୩ ଜଣ ଅଫିସରଙ୍କୁ ସାମ୍ନାରେ ଆଣିଛି। ସେ ଏହି ଅବସରରେ ଛାତ୍ରୀ ଜୀବନର ହଷ୍ଟେଲ ଗସ୍ତ ଏବଂ ଏହାର ବିକାଶ ପାଇଁ ନେଇଥିବା ତୁରନ୍ତ ପଦକ୍ଷେପ ବାବଦରେ କହିଥିଲେ। ସେହିଭଳି ଅନ୍ୟ ଶିକ୍ଷାନୁଷ୍ଠାନରେ କରାଯାଇଥିବା ବିକାଶର ହିସାବ ଦେଇଥିଲେ।

ଅନ୍ୟ ବିକାଶମୂଳକ ପଦକ୍ଷେପ ବାବଦରେ ସେ ଆଲୋକପାତ କରିବାକୁ ଯାଇ ଜଳ ନିଷ୍କାସନ, ସଡ଼କ ନିର୍ମାଣ, ପଟ୍ଟା ପ୍ରକାଶନ ଏବଂ ଗୋପ ମେଗା ପାନୀୟ ଜଳ ପ୍ରକଳ୍ପର ଉଦାହରଣ ଦେଇଥିଲେ। ୮ ଗୋଟି ମନ୍ଦିରର ଉନ୍ନତିକରଣ ପାଇଁ ଅର୍ଥ ଅନୁମୋଦନ ହୋଇଥିବା କହିଥିଲେ। ସେହିଭଳି ପ୍ରାଣୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗାଇଦିଆଯାଇଛି। ସାଧାରଣ ଜୀବନର ଶେଷଯାତ୍ରାକୁ ସମ୍ମାନ ପାଇଁ ୧୭ ଲକ୍ଷ ଟଙ୍କା ବ୍ୟୟରେ ସ୍ୱର୍ଗ ରଥ ମଧ୍ୟ ପ୍ରଦାନ କରାଯାଇଛି। ଶିକ୍ଷା ପାଇଁ ୨୨ କୋଟି ୪୪ ଲକ୍ଷ ଟଙ୍କା, ଗମନାଗମନ କ୍ଷେତ୍ରରେ ୧୪୬ କୋଟି ଟଙ୍କା ଏବଂ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ୨୧୩ କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିଭଳି କୃଷି, ସାମାଜିକ ସୁରକ୍ଷା ଏବଂ କ୍ରୀଡ଼ା ଆଦିରେ କରାଯାଇଥିବା ବ୍ୟୟ ଏବଂ ବିଭିନ୍ନ ଯୋଜନାରେ ଲାଭବାନ ହୋଇଥିବା ହିତାଧିକାରୀଙ୍କ ବାବଦରେ ସେ ଉଲ୍ଲେଖ କରିଥିଲେ।

ପ୍ରଥମ ଦିନ ଭଳି ଆଜି ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଅଧିବେଶନ ରଖାଯାଇଥିଲା। ଆଜି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ସଶକ୍ତିକରଣ, ଶିଳ୍ପ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଉଦ୍ୟୋଗିତା, ବିପର୍ଯ୍ୟୟ ପ୍ରତିରୋଧୀ ନିମାପଡ଼ା, ପର୍ଯ୍ୟଟନ, କଳା ଓ ସଂସ୍କୃତି ଏବଂ ଉତ୍କର୍ଷ ନିମାପଡ଼ା ୨୦୩୬ ପାଇଁ ରୋଡ୍ ମ୍ୟାପ୍ ଆଦି ପ୍ରସଙ୍ଗରେ ଆଲୋଚନା ରଖାଯାଇଥିଲା। ଏଥିରେ ଲୋକେ ନିଜ ସମସ୍ୟା ବିଷୟରେ କହିବା ସହ ପ୍ରସ୍ତାବ ମଧ୍ୟ ଦେଇଥିଲେ। ଅଧିକାରୀ ଓ ବିଶେଷଜ୍ଞଙ୍କ ନିଜ ମତ ରଖିବା ସହ ଏହି ସବୁ ପ୍ରସ୍ତାବ ଆଧାରରେ ଉତ୍କର୍ଷ ନିମାପଡ଼ାର ନିର୍ମାଣ ହେବ ବୋଲି କହିଥିଲେ। ଅନ୍ତିମ ଅଧିବେଶନରେ ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ପୁରୀ ସାଂସଦ ସମ୍ବିତ ପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଅନ୍ତିମ ଦିନର ଅନ୍ତିମ ଭାଗରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ଅନ୍ୟ କଳାକାରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କୋଟିଆ ବିବାଦ ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ : ବିଜେଡି

ଭୁବନେଶ୍ୱର,୬।୬(ମହାଭାରତ): କୋଟିଆ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବକ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । କ୍ଷମତାକୁ ଆସିବାର ପ୍ରାୟ ଏକ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ଚୁପ ରହିଥିବା ବେଳେ, ଆଜି ମନେ ପକେଇଛନ୍ତି । କୋଟିଆରେ ଭିତ୍ତିଭୂମି ବିକାଶ ହେବ ବୋଲି ମନ୍ତ୍ରୀ ବକ୍ତବ୍ୟ ଦେଇଛନ୍ତି, କିନ୍ତୁ ସୀମା ବିବାଦର ସମାଧାନ ଉପରେ ନିରବ ରହିଛନ୍ତି ।


ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରଦୀପ ମାଝୀ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାରଙ୍କ ଗତ ଏକ ବର୍ଷ କେବଳ ମଧୁଚନ୍ଦ୍ରିକାରେ ବିତିଛି । କୋଟିଆ, ପୋଲାଭରମ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗତ ଏକ ବର୍ଷ ମଧ୍ୟରେ ମୁହଁ ଖୋଲିନାହାନ୍ତି । ଏକ ବର୍ଷ ପୂର୍ତ୍ତିକୁ ନେଇ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରିବା ପାଇଁ ଆୟୋଜନ କରାଯାଉଥିବା ବେଳେ, କେବଳ ଉପରଠାଉରିଆ ଭାବେ ଆଜି କୋଟିଆ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଛି ।

ଶ୍ରୀ ପ୍ରଦୀପ ମାଝୀ କହିଥିଲେ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ କୋଟିଆର ଭିତ୍ତିଭୂମି ବିକାଶ କରାଯିବ ବୋଲି ଦେଇଥିବା ମନ୍ତବ୍ୟ କେବଳ ଧର୍ମକୁ ଆଖିଠାର ସଦୃଶ୍ୟ । କାରଣ କୋଟିଆରେ ସୀମା ବିବାଦ ମୁଖ୍ୟ ସମସ୍ୟା ହୋଇଥିବା ବେଳେ, ସେ ଦିଗରେ ମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି । କୋଟିଆର ଭିତ୍ତିଭୂମି ବିକାଶ ପାଇଁ ନବୀନ ପଟ୍ଟନାୟକଙ୍କ ସରକାର ଏକକାଳୀନ ୧୬୪ କୋଟି ଟଙ୍କା ପ୍ରଦାନ କରିଥିଲେ । ସେଠାରେ ସମଗ୍ର ଗ୍ରାମାଞ୍ଚଳର ରାସ୍ତା, ସମସ୍ତ ଗ୍ରାମକୁ ପାନୀୟ ଜଳ, ବିଜୁଳି ସଂଯୋଗ ଓ ସାମାଜିକ ସୁରକ୍ଷା ଯୋଜନା ସଫଳତାର ସହିତ ଲାଗୁ କରାଯାଇଥିଲା । କୁନ୍ଦୁଲି ଓ କୋଟିଆ ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା, ଯାହା ଫଳରେ ଆଜି ସେହି ଅଞ୍ଚଳରୁ ସମଗ୍ର ରାଜ୍ୟକୁ ପନିପରିବା ଆସୁଛି ।

ଶ୍ରୀ ମାଝୀ କହିଥିଲେ, କୋଟିଆ ସୀମା ବିବାଦ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂସଦ ଓ କେନ୍ଦ୍ର ଗୃହ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ । ଆଜି ରାଜ୍ୟରେ ଓ କେନ୍ଦ୍ରରେ ବିଜେପି ସରକାର ଥିବାବେଳେ ଆନ୍ଧ୍ରପ୍ରଦେଶରେ ମଧ୍ୟ ବିଜେପିର ସହଯୋଗୀ ଦଳର ସରକାର ଅଛି । କିନ୍ତୁ, ରାଜ୍ୟ ସରକାର ଏହି ସମସ୍ୟା ସମାଧାନ ଉପରେ କୌଣସି ପଦକ୍ଷେପ ନେଇନାହାନ୍ତି । ବର୍ତ୍ତମାନ ଟ୍ରିପଲ ଇଞ୍ଜିନ ସରକାର ଥିଲାବେଳେ ରାଜ୍ୟ ସରକାର କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଥିଲେ । ଡ଼ ଲେନିନ ମହାନ୍ତି କହିଥିଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ଅନ୍ତଃରାଜ୍ୟ କାଉନସିଲ ବୈଠକରେ, କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାର ମୁହଁ ଖୋଲିନଥିଲେ, ଯାହା କୋଟିଆ ସୀମା ବିବାଦ ସମାଧାନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଚରିତ୍ର ଗଠନ ହେଉଛି ଶିକ୍ଷାର ନିହିତ ଉଦ୍ଦେଶ୍ୟ

**ଭୁବନେଶ୍ୱର,୬।୬(ମହାଭାରତ):** ବ୍ୟକ୍ତିର ଚରିତ୍ର ଗଠନ ସହିତ ତା'ର ଶାରୀରିକ, ମାନସିକ ନୈତିକ ଏବଂ ଆଧ୍ୟାତ୍ମିକ ବିକାଶକୁ ସକ୍ଷମ କରିବା ହେଉଛି ସାମଗ୍ରିକ ଶିକ୍ଷାର ଉଦ୍ଦେଶ୍ୟ ବୋଲି ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମାସୁବ୍ରମଣ୍ୟନ୍ କହିଛନ୍ତି ।ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି ଯେ ପ୍ରକୃତ ଶିକ୍ଷା କେବଳ ବୌଦ୍ଧିକ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ଜଣେ ବ୍ୟକ୍ତିର ବୁଦ୍ଧିମତାର ପରିସରକୁ ପରିବ୍ୟାପ୍ତ କରି, ମସ୍ତିଷ୍କର କ୍ଷମତାକୁ ବୃଦ୍ଧି କରି ସର୍ବୋପରି ତାକୁ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ପ୍ରଦାନ କରି ଆତ୍ମନିର୍ଭରଶୀଳ ଏବଂ ମାନସିକ ଭାବରେ ମଧ୍ୟ ଦୃଢ଼ କରିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ଉଦ୍ଧୃତି ଦେଇ ସେ କହିଛନ୍ତି ଯେ ଶିକ୍ଷାର ଚାରୋଟି ସ୍ତମ୍ଭ ହେଉଛି ଚରିତ୍ର ନିର୍ମାଣ, ବୌଦ୍ଧିକ ବିକାଶ, ମାନସିକ ଦୃଢ଼ତା ଏବଂ ଆତ୍ମନିର୍ଭରଶୀଳତା ।'ଜଣେ ବ୍ୟକ୍ତି ନିଜର ପାଠ୍ୟକ୍ରମ ସମାପ୍ତ କରିପାରେ କିନ୍ତୁ ଶିକ୍ଷା କେବେ ସମାପ୍ତ ହୋଇପାରିବ ନାହିଁ, ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଅନ୍ତହୀନ ନିରବଚ୍ଛିନ୍ନ ଯାତ୍ରା' ବୋଲି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି ।ଉପସ୍ଥିତ ଶ୍ରୋତାଙ୍କୁ ସେ ପ୍ରଶ୍ନ କରିଥିଲେ ଯେ 'ଆଜିର ସାକ୍ଷର ଲୋକମାନେ ପ୍ରକୃତରେ ଶିକ୍ଷିତ କି ? ସେ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚାପରେ ବର୍ଦ୍ଧିତ ପ୍ରବୃତି ଦର୍ଶାଉଛି ଯେ ଆଜିର ପିଢ଼ି ଏତେ ପ୍ରଶଂସିତ ଯେ ସେମାନେ ସମସ୍ୟାର ସମ୍ମୁଖୀନ ହେବାର ସାମର୍ଥ୍ୟ ରଖିପାରୁ ନାହାନ୍ତି।



ଐତିହାସିକ ୱିଲ୍ ଡୁରାଂଟଙ୍କ ପ୍ରସିଦ୍ଧ ଉକ୍ତି 'ଶିକ୍ଷା ହେଉଛି ଜଣଙ୍କର ଅଜ୍ଞତାର ପ୍ରଗତିଶୀଳ ଆବିଷ୍କାର'କୁ ଉଦ୍ଧୃତ କରି ସେ କହିଥିଲେ ଯେ 'ଶିକ୍ଷାନୁଷ୍ଠାନଗୁଡ଼ିକୁ କେବଳ ଡିଗ୍ରୀ ନୁହେଁ ବରଂ ଜୀବନ କୌଶଳ ଏବଂ ସଠିକ୍ ମନୋଭାବ ମଧ୍ୟ ଶିକ୍ଷା ଦେବା ଉଚିତ୍ ।' ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ ଆମେରିକାରେ ରହୁଥିବା ଜଣେ ଚାର୍ଟାର୍ଡ ଆକାଉନ୍‌ଟାଂଟଙ୍କ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୨୦୦୮ ବିଶ୍ୱ ଆର୍ଥିକ ସଂକଟରେ ସବୁକିଛି ହରାଇବା ପରେ ତାଙ୍କ ସମଗ୍ର ପରିବାରକୁ ହତ୍ୟା କରିବା ସହ ନିଜେ ଆତ୍ମହତ୍ୟା କରିଥିଲେ। ସେ କହିଥିଲେ ଯେ ଉଚ୍ଚ ଶିକ୍ଷା ଏବଂ ଜ୍ଞାନ ସତ୍ତ୍ୱେ ତାଙ୍କ ଠାରେ ମାନସିକ ଦୃଢ଼ତାର ଅଭାବ ଥିଲା ।'କ'ଣ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସଂକଟ ପରିଚାଳନା ଶିଖାନ୍ତି ? କାରଣ କେବଳ ଡିଗ୍ରୀ ପାଇବା ଅସଲ ଓ ସାମଗ୍ରିକ ଶିକ୍ଷା ନୁହେଁ' ବୋଲି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଥିଲେ।

ସେ କହିଥିଲେ ଯେ ଆଜିର ବିଶ୍ୱରେ କେବଳ ସଫଳତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକମାନେ ପ୍ରକୃତ ସଫଳତା କ'ଣ ତାହା ବୁଝନ୍ତି ନାହିଁ। ଶିକ୍ଷା କିମ୍ବା ବଡ଼ ଚାକିରି ପାଇବା ସଫଳତା ନୁହେଁ କାରଣ ଜୀବନ ସଫଳତାକୁ ଭିନ୍ନ ଭାବରେ ଦେଖେ ।'ତାଙ୍କ ଅଭିଭାଷଣର ଶେଷରେ ସେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଶଂସା କରି କହିଥିଲେ ଯେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଏହି ଅନୁଷ୍ଠାନ ଉଲ୍ଲେଖନୀୟ ପ୍ରଗତି କରିପାରିଛି ।ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କରିଥିଲେ। ସୋଆ ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ମୁଖ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଇଏଏସ୍‌ର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଆଡିସ୍‌ନାଲ ଡିନ (ଷ୍ଟୁଡେଂଟ ଆଫେୟାର୍ସ), ଆଇଟିଇଆର ପ୍ରଫେସର ରେଣୁ ଶର୍ମା ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମୌସୁମୀର କ୍ରୋଧ

କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗୁଆ ପ୍ରବେଶ ଯେତିକି ସୁଖଦ ଥିଲା ଏବେ, ଉତର-ପୂର୍ବାଚଂଳ ରାଜ୍ୟଗୁଡିକ ତଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ଉତମ ସିକିମରେ ଏହାର କରାଳ ରୂପ ସେତିକି ଦୁଃଖ, ଦୁର୍ଦ୍ଦଶାର କାରଣ ପାଲଟିଛି ବୋଲି କୁହାଯାଇପାରିବ । କେରଳରେ ମୌସୁମୀ ପ୍ରବେଶ କରିବା ପରେ ଉତର-ପୂର୍ବ ଅଭିମୁଖେ ଅଗ୍ରସର ହେବା ସହ ଏହାର କରାଳ ରୂପ ପ୍ରକାଶ କରିଛି । ପ୍ରବଳ ମୌସୁମୀ ଜନିତ ପ୍ରବଳ ବର୍ଷାରେ ଉତର ପୂର୍ବାଚଂଳ ରାଜ୍ୟ ଗୁଡିକରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆସାମର ୧୦ଟି ବଡ ବଡ ନଦୀ ଗୁଡିକରେ ପ୍ରଳୟଙ୍କାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନଦୀଗୁଡିକ ବିଭିନ୍ନ ସ୍ଥାନରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି । ବନ୍ୟା ପ୍ରଭାବରେ ରାଜ୍ୟର ୧୯ଟି ଜିଲ୍ଲାରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଜନସାଧାରଣଙ୍କର ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇଯାଇଛି । ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ଜଳବନ୍ଦୀ ହୋଇ ଯାଇଥିବା ସମୟରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ଗତ ଚାରିଦିନ ଧରି ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ଓ ତତ୍ ସହିତ ବନ୍ୟା ଯୋଗୁଁ ବର୍ତମାନ ସୁଦ୍ଧା ୩୧ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି । ଏହା ନିସନ୍ଦେହ ଯେ, ଆସାମ ଏକ ବନ୍ୟା ପ୍ରବଣ ରାଜ୍ୟ ଭାବେ ପରିଚିତ । ମୌସୁମୀ ଋତୁର ଆରମ୍ଭରୁ ରାଜ୍ୟର ଜନସାଧାରଣ ଯେପରି ବନ୍ୟା ଓ ବର୍ଷା ଉବୁଟୁବୁ ହୋଇଛନ୍ତି । ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ତ୍ରିପୁରାରେ ମଧ୍ୟ ଅନୁରୂପ ଅବସ୍ଥା । ତ୍ରିପୁରାରେ ପ୍ରବଳ ମୌସୁମୀ ଜନିତ ବର୍ଷା ଯୋଗୁଁ ବହୁ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ସପ୍ତାହ ଶେଷ ବେଳକୁ ଆହୁରି ପ୍ରବଳରୁ ପ୍ରବଳତର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉଭୟ ଉତର-ପୂର୍ବାଚଂଳ ରାଜ୍ୟରେ ବର୍ଷା ଜନିତ ଭୂସ୍ଖଳନ, ବନ୍ୟା, ଆକସ୍ମିକ ବନ୍ୟା ଏବଂ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ପାଇଛି । କେବଳ ଗତ ମେ’ ୩୧ତାରିଖ ଦିନ ବର୍ଷା ଓ ବନ୍ୟାରେ ୨୨ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି । ସେହିପରି ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଯୋଗୁଁ ଉତର ସିକିମର ବିଭିନ୍ନ ସ୍ଥାନରେ ୧୫୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଫସି ରହିଛନ୍ତି । ତିସ୍ତା ନଦୀରେ ଏକ ପର୍ଯ୍ୟଟକବାହୀ ଗାଡି ଖସି ପଡିବା ଯୋଗୁଁ ବହୁ ପର୍ଯ୍ୟଟକ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି । ଦୁଇଜଣ ଯାତ୍ରୀଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବାବେଳେ ୮ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଏବେ ବି ନିଖୋଜ ଅଛନ୍ତି । ଜୁନ୍ ମାସରେ ଏଭଳି ଦୁଃଖଦ ଘଟଣା ଘଟିଛି । ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଆଗକୁ ଆହୁରି ଦୈବ ଦୁର୍ବିପାକ ଘଟଣା ଘଟିବା ଆଶଙ୍କା ଏଡାଇ ଦିଆଯାଇନପାରେ । ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ଦେଶର ଉତର-ପୂର୍ବାଚଂଳ ରାଜ୍ୟଗୁଡିକ ବର୍ଷା ଓ ବନ୍ୟ ପରି ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିବାବେଳେ କେରଳ ପରି ଓଡିଶାରେ ଆଗୁଆ ମୌସୁମୀ ପ୍ରବେଶ କରିଥିବା ସତ୍ୱେ ରାଜ୍ୟରେ ଏବେ ଦୁର୍ବଳ ହୋଇଯାଇଛି । ମୌସୁମୀ ଦୁର୍ବଳ ହୋଇପଡିବା ଯୋଗୁଁ ରାଜ୍ୟରେ ଏବେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳୁ ଯୋଗୁଁ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ଏହିଭଳି ଅସହ୍ୟ ତାତି ଅହୁରି ସପ୍ତାହେ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହା ନିସନ୍ଦେହ ଯେ, ଆରମ୍ଭରୁ ମୌସୁମୀ କରାଳ ରୂପ ବିଶ୍ୱ ଜଳବାୟୁ ପରିବର୍ତନର ପ୍ରଭାବ ବୋଲି କୁହାଯାଉଛି । ବିଶ୍ୱ ଜଳବାୟୁ ପରିବର୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବେଳ ହୁଁ ସାମଧାନ ହେବା ଜରୁରୀ । ଅନ୍ୟଥା କେବଳ ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହେବା ସାର ହେବ । ମୌସୁମୀ ପ୍ରଭାବରେ କେଉଁଠି ଅତିବୃଷ୍ଟି ତ କେଉଁଠି ଅନାବୃଷ୍ଟି ହେବାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇନପାରେ ।

# କାଳଯୁକ୍ତ (କାଳ) ସମ୍ବତ୍ସର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବାର୍ହସ୍ପତୀ ୬୦ ସମ୍ବତ୍ସର ଅଛି । ଏହାର ବର୍ଷକ ଦି୩୬୧ ପ୍ରାୟ ଅତଏବ ଇଂରାଜୀ ମସିହାରୁ ୪/୫ ଦିନ କମରେ ପ୍ରତିବର୍ଷ ପଛେଇ ଚାଲେ ଏ ପାଇଁ ଏହା ଗଣନା ଦୃଷ୍ଟେ ଇଂରାଜୀ ସନ ବର୍ଷରେ କୌଣସି ଦିନରେ ପ୍ରବେଶ କରିପାରେ । ୨୦୨୪ ମସିହାରେ ପଣା ସଂକ୍ରାନ୍ତି ବେଳକୁ ପିଙ୍ଗଳ ସମ୍ବତ୍ସର ଚାଲୁଥିଲା । ତା ୨୩.୦୫.୨୦୨୪ ଠାରୁ କାଳଯୁକ୍ତ (କାଳ) ସମ୍ବତ୍ସର ଚାଲିଲା । ସମ୍ବତ୍ସର ୬୦ଟି ଏହା ପୁଣି ଆଉ କେତେ ଶାଖାରେ ବିଭକ୍ତ, ୧ମରେ ୨୦ କରି ୩ ଭାଗ ୧୨କରି ୫ ଭାଗ, ୫ କରି ୧୨ ଭାଗ । ପ୍ରତ୍ୟେକସ୍ତରରେ ଏମାନଙ୍କୁ ଭବିଷ୍ୟତ ବାଣୀ, ଜ୍ୟୋତିଷୀ କରିଥାନ୍ତି । ଏ ପାଇଁ ଏକ ସମ୍ବତ୍ସର ୩ ପ୍ରକାର ଭାବୀ ସୂଚନା ଦିଆଯାଇପାରେ । ଏଥର ୬୦ ବିଭାଗର ଏ ଯେଉଁ କାଳଯୁକ୍ତ ଆସିଛନ୍ତି ତାଙ୍କର ଫଳ ରୋଗବୃଦ୍ଧି ପ୍ରଜାୟେ କାଳଯୁକ୍ତ ବିଶେଷତଃ ରାଜ ଯୁଦ୍ଧଂ ଭବେତ୍ ଗୌରା ମରାନମ୍ ।’ ଏ ମୁକ୍ତିଟି ଶଙ୍କର ଭଗବାନ ମାଆ ପାର୍ବତୀଙ୍କୁ କହିଛନ୍ତି ଏହି ଯେଉଁ ସମ୍ବତ୍ସର ଚାଲିବ, ପ୍ରଜାମାନେ ରୋଗରେ ପଡ଼ିବେ । ରୋଗ ପୂର୍ବ ଠାରୁ ଅଧିକବୋଧ ହେବ । ରାଜାମାନେ ପରସ୍ପର ଯୁଦ୍ଧଲିପ୍ତ ହେବେ । ଯୁଦ୍ଧ ଖାଲି ଅସ୍ତ୍ରରେ ନୁହଁ ବାକଯୁଦ୍ଧ କଥା କଟାକଟି ଅକାନ୍ତର ବିତଣ୍ଡା ଯୁକ୍ତି ପରର ବାଇଗଣ କିଆରି ମାଙ୍କଡ଼ କାମୁଡ଼ା କାମୁଡ଼ି ଘୋର ବୃଷ୍ଟି ହେବ ଯହିଁରେ ଅନେକ ସ୍ଥାନ ଜଳପ୍ଲାବନ ହେବ । ଜଳ ବହୁଳେ ସୃଷ୍ଟିନାଶ, ଆକାଶରୁ ପରୋକ୍ଷରେ ପ୍ରତ୍ୟକ୍ଷରେ ମହରଗ ହେବ । ଏ ଶ୍ଲୋକରୁ ବାଖ୍ୟା ଏହା ହିଁ ଲାଗୁ ହେବ । ଶଙ୍କର କାବ୍ୟ କେବେ ଅନ୍ୟଥା ନୁହେଁ । (କ୍ରମଶଃ)

ପଛେ ପଛେ ସମସ୍ୟା ଚିକିତ୍ସା ଔଷଧ ସଂସ୍ଥା ଡାକ୍ତରଖାନା ରୋଗୀ ପରିବହନ, ରୋଗୀଙ୍କର ପାଖ ଲୋକ ଅର୍ଥ ଯୋଗାଡ଼ ଓ ନିକିମା ହେବା ସମସ୍ୟା, ବୀମା କମ୍ପାନୀ ମାନଙ୍କର ଅର୍ଥ ଶ୍ରଦ୍ଧା, ଆଉ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା । ରାଜା ଯୁଦ୍ଧ କଲେ ଅନେକ ରୋଷଣୀ ବାଣଫୁଟା ଦେଖାଯିବ ପୁଣି କେତେ ସୈନ୍ୟ ମରିବେ ଆଘାତ ପାଇବେ । ଆଉ କେତେ ମାଆ ବାପା ପୁତ୍ର ହରା କନ୍ୟା ହରା ହେବେ । କେତେ ସ୍ତ୍ରୀ ବିଧବା ହେବେ । କେତେ ଶିଶୁ ପିତା ମାତା ହରା ହେବେ ହେଲେ ଏ ସେନା ଯୋଦ୍ଧା ରାଜାଙ୍କର ବଳ ଫୋର୍ସ ରାଜା ଜିତିଗଲେ ରାଜାଙ୍କର ରାଜ୍ୟ ସୈନ୍ୟ ମଲେ ତୁଚ୍ଛାବାଣୀ ତାଙ୍କର ସ୍ୱର୍ଗପ୍ରାପ୍ତି କୁଆଡ଼େ ହୋଇଗଲା ।

ଦେଖନ୍ତୁ କେମିତି ଋଷିୟା ଯୁକ୍ରେନ ଯୁଦ୍ଧର ଅବସାନ ହୋଇନାହିଁ ଆରମ୍ଭ ହେଲାଣି ଇସଲାମ ଦେଶରେ ଆଉ ଏକ ଯୁଦ୍ଧ ଏ ଯୁଦ୍ଧ ବ୍ୟାପିବା ଭୟ ବିଶ୍ୱ ଯୁଦ୍ଧ ଦିଗକୁ ଆଗେଇବା ସମ୍ଭାବନା । ଆମ ଦେଶରେ ଅର୍ନ୍ତଦ୍ୱନ୍ଦ ଆମ ରାଜ୍ୟରେ ସେନାକର୍ମଚାରୀ ଓ ପୋଲିସ କର୍ମଚାରୀ ଉଭୟ ବନ୍ଧୁକ ବାଲା ଓ କାନୁନ ଶକ୍ତିରେ କେହି ଯୁକ୍ତି ଛାଡୁ ନାହାଁନ୍ତି । ଏ ପୁଣି ଗଲା ବିଚାରାଳୟକୁ ସବୁ ବାଦୀ ପ୍ରତିବାଦୀଙ୍କ ଓକିଲ ଯୁକ୍ତିତର୍କକୁ ଏହାବାଦ ଏକ ସରକାର ପତନ ଆମ ରାଜ୍ୟରେ ଏହାରି ଭିତରେ ହୋଇ ଏପରି ଅବସ୍ଥା ଉପୁଜୁଛି ବାକ ଯୁଦ୍ଧ ସଦା ଶୁଣାଯାଉଛି । ପୁଣି ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଏ ମଧ୍ୟରେ ପଡୁଛି । ଦେଖ ଏ ଗୋବିନ୍ଦଙ୍କ ଗତି ୬୪ ଶଙ୍କର ବାକ୍ୟ ଅନ୍ୟଥା କେବେ ହୋଇନପାରେ ।

ଏବେ ଦେଖନ୍ତୁ ୧୨ ବିଭାଗରେ ଅଶ୍ୱିନୀ କୁମାର ସଞ୍ଚାଳିତ ଏ ପାଞ୍ଚ ଯୁଗରେ କାଳଯୁକ୍ତ ଯୁଗଟି ପଡୁଛି । ୫ ମୋଟ ଯୁଗରେ ରୋଗ, ଶୋକ, ଜନହାନି ଅକାଳ ଧକ୍କା ଦୁର୍ଘଟଣା, ହୋଇଥାଏ । ଶୋକ କହିଲେ ବ୍ୟକ୍ତିଗତ ଜୀବନରେ ନିତ୍ୟ ବାହାରିନା କାହାରି ଘଟି ଚାଲୁଛି । ଏଠାରେ ରାଜ୍ୟ ବା ଦେଶର ଶାନ୍ତି ପ୍ରବର୍ତ୍ତକଙ୍କର ମରଣ ଲୋକଙ୍କୁ ଶୋକ ବ୍ୟଥା ଦେବ । ତେବେ ଦେବବୈଦ୍ୟ ଅଶ୍ୱିନୀ କୁମାରଙ୍କ ନାମ ଯାହା ଶଲ୍ୟ ଓ ରସାୟନ ବିଦ୍ୟାର ଅଧିକାରୀ ଦ୍ୱୟଙ୍କର କରାମତି ଲୋକଙ୍କ ଉଦ୍ଦିଷ୍ଟ କିଛି ନୂଆ ଧରଣର ହେବ । ପୂର୍ବରୁ ପିଙ୍ଗଳ ୧ବର୍ଷ ଏବେ କାଳଯୁକ୍ତ ୧ବର୍ଷ ପରେ ଆସୁଛି ସିଦ୍ଧାର୍ଥ ବର୍ଷ ଯହିଁରେ ଶାନ୍ତି ସ୍ୱାକ୍ଷରିତ ବର୍ଷ ହେବ ମାତ୍ର ପରେ ପରେ ରୌଦ୍ର ଦୁର୍ମତି ସମ୍ବତ୍ସର ଖାଲି ଖରାପ ହିଁ ଖରାପ ଶୁଣିବାକୁ ମିଳିବ ।

# ‘ଜ୍ଞାନମଣ୍ଡଳ’ ପ୍ରଣେତା : ବିନୋଦ କାନୁନଗୋ

**ଡ଼ଃ.ଅରୁନ୍ଧତୀ ଦେବୀ**

ଜ୍ଞାନକୋଷ ବା ଏନ୍‌ସାଇକ୍ଲୋପିଡ଼ିଆ ବିନା କୌଣସି ଭାଷା ଶତ ପ୍ରତିଶତ ସମୃଦ୍ଧ ବୋଲି କୁହାଯାଇପାରିବ ନାହିଁ । ଜ୍ଞାନକୋଷ ରଚନା ଏତେ ସହଜ କଥା ନୁହେଁ । ଏଥିପାଇଁ ଲୋଡ଼ା ମିଳିତ ଉଦ୍ୟମ ସାଙ୍ଗକୁ ଆର୍ଥିକ ସହାୟତା ଓ ମାନସିକ ପ୍ରୋତ୍ସାହନ । ଆଉ ଏସବୁର ଅଭାବ ସତ୍ତ୍ୱେ ଏଭଳି ଜଣେ ଓଡ଼ିଆ ଥିଲେ, ଯିଏ ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ସୃଷ୍ଟି କରିପାରିଥିଲେ, ଆମ ଭାଷାର ଅଦ୍ୟାବଧି ସବୁଠାରୁ ଉନ୍ନତ ଜ୍ଞାନକୋଷ । ସେ ହେଉଛନ୍ତି ଜ୍ଞାନପ୍ରଦୀପ ବିନୋଦ କାନୁନ୍‌ଗୋ । ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନଥିବା ମଣିଷ । ତଥାପି ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ଗଢ଼ିପାରିଥିଲେ ଜ୍ଞାନକୋଷ । ସେ ଥିଲେ ପରମ ଗାନ୍ଧୀବାଦୀ । ଗାନ୍ଧୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ । ଏକଦା ବିନୋଦ ଥିଲେ ମେଧାବୀ ଛାତ୍ର । ତାଙ୍କ ମାମୁଁ ଥିଲେ ପ୍ରସିଦ୍ଧ ପୋଥି ଓ ସାହିତ୍ୟ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି । ମାମୁଁଙ୍କ କଟକସ୍ଥିତ ବସାରେ ରହି ସେ କଲିଜିଏଟ୍ ସ୍କୁଲରେ ପଢୁଥିଲେ ।

ସେହି ସମୟରେ ଜାତୀୟକବି ବୀରକିଶୋରଙ୍କ ଏକ ଗୀତ, ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ରଣ ସମୟରେ ବହି ଘୋଷିବାକୁ ମୋତେ ଆଉତୁମେ ବଳାନା; ଛାତିର ରକତ ତାତିଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା । ଯୁଦ୍ଧ ଇତିହାସ ହୋଇଲେ ପଠିତ, ଶୁଣି ବଂଶଧର ହୋଇବେ ପଣ୍ଡିତ; ନରହନ୍ତାର କଂସେଇଶାଳେ ମୁଁ ଲେଖୁଥିବି ବସି ରଚନା । ବିନୋଦ ଲେଖିଛନ୍ତି ୧୯୩୦ ଏପ୍ରିଲ ୯ ତାରିଖ ସନ୍ଧ୍ୟାରେ ଏହି ଗୀତ ମୋ ମନର ସମସ୍ତ ସନ୍ଦେହ ଦୂରକରିଦେଲା । ଏବଂ ମୋର କର୍ତ୍ତବ୍ୟ କ’ଣ, ତାହା ସୂଚେଇ ଦେଲା । ପର ଦିନ ହିଁ ସେ କେତେକ ସହପାଠୀଙ୍କ ସହ ବିଦ୍ୟାଳୟ ଛାଡ଼ି, ଧର୍ମଘଟରେ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ସଚ୍ଚିରାୟ, ମାମୁଁ ଆର୍ତ୍ତବଲ୍ଲଭ ଓ ଡ.ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ତାଙ୍କୁ ରୋକିପାରି ନଥିଲେ । ତାହାଥିଲା ବିଦ୍ୟାଳୟରେ ଶେଷ ଦିନ । ବିଦ୍ୟାଳୟରୁ ବହିଷ୍କୃତଙ୍କ ତାଲିକାରେ ସର୍ବାଗ୍ରେ ଥିଲା ବିନୋଦଙ୍କ ନାମ । ତାହାପରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ବାରମ୍ବାର କାରାବରଣ । ଅନୁଷ୍ଠାନଭିତ୍ତିକ ଶିକ୍ଷା ପାଇଁ ଆଉ ସୁଯୋଗ ମିଳି ନଥିଲା ।

ତେବେ କୌଣସି ସମୟରେ ସେ ପଠନରୁ ବିରତ ହୋଇନଥିଲେ । ସବୁବେଳେ ପାଖରେ ରହୁଥିଲା ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା । କାରାଗାର ଥିଲା ପଠନର ମୁଖ୍ୟ କ୍ଷେତ୍ର । ସ୍ୱାଧୀନତା ପରେ ସେ ରାଜନୀତିରେ ନ ମାତି ଜ୍ଞାନର ପ୍ରସାରକ ସାଜିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ମାତ୍ର ଏକ ଟଙ୍କା ଖଣ୍ଡିଏ ଖଦଡ଼ ଶତରଞ୍ଜି, ଖଦଡ଼ ପୋଷାକ ଓ କିଛି ବହିପତ୍ର ଧରି ଆସିଥିଲେ କଟକ । ଉଦ୍ଦେଶ୍ୟ ଜ୍ଞାନକୋଷ ରଚନା । ଦିନଟି ଥିଲା ୧ ଜାନୁଆରୀ ୧୯୫୪ । ପରବର୍ତ୍ତୀ ଜୀବନ ଥିଲା ବେଶ ସଂଘର୍ଷମୟ । ୨ ଡିସେମ୍ବର ୧୯୬୦ରେ ପ୍ରକାଶ ପାଇଥିଲା ତାଙ୍କ ଜ୍ଞାନମଣ୍ଡଳର ପ୍ରଥମ ଖଣ୍ଡ । ତାହାର ଉନ୍ମୋଚନ ଉତ୍ସବରେ ଭାଷଣ ଦେବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ ମାମୁଁ ଆର୍ତ୍ତବଲ୍ଲଭ । ୧୯୧୨ ଜୁନ୍ ୬ ତାରିଖ ଦିନ କିଶୋରନଗର ଅନ୍ତର୍ଗତ ମଲ୍ଲିପୁରରେ ଜନ୍ମ ହୋଇଥିଲେ ଏହି ମହାନ ଜ୍ଞାନକୋଷ ପ୍ରଣେତା ।

ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ତ୍ୟାଗ ଓ ମାନବ କଲ୍ୟାଣର ଶିକ୍ଷା ଦେଇଥାଏ-ଇଦୁଲ୍ ଜୁହା

**ମୌଲାନା ଫଜଲ ହକ ଖାଁ**

ମୁସଲମାନ ସମ୍ପ୍ରଦାୟ ରମଜାନ ଇଦ୍‌ର ୭୦ଦିନ (ଦୁଇମାସ ଦଶଦିନ) ପରେ ଇଦୁଲ୍ ଜୁହା ପାଳନ କରେ । ଆରବୀ ଭାଷାରେ “ଅଜ୍‌ହା”ର ଅର୍ଥ “କୁରବାନୀ”ବଳିଦାନ ବା ତ୍ୟାଗ ।

ପବିତ୍ର କୁରଆନ ହଦିସ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାରି ହଜାର ବର୍ଷପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା , ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାଃ ଚାହିଁଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତା ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଂଚିତ ହୋଇଯାଆନ୍ତେ । ଫଳରେ ଅଲ୍ଲାଃ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ ‘କୁରବାନୀ ଇଦ’ ପାଳନ କରୁଛେ ।

ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍‌ର ପରେ ଇଦୁଲ୍ ଅଜ୍‌ହା ପାଳନ କରନ୍ତି । ଆରବୀ ଭାଷାରେ “ଆଜ୍‌ହିଆ”ର ଅର୍ଥ ହେଲା, “କୁରବାନୀ”ବଳିଦାନ ବା ତ୍ୟାଗ ।

ପବିତ୍ର କୁରଆନର ସୁରା ଅଲ୍-ସାଫାତ୍‌ରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ୍ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ଦୁଆ କରିଥିଲେ । ଅଲ୍ଲାଃ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାଃଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାଃ ଆପଣଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ ‘ତୁ’ ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲ୍‌ଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଉକ୍ତ କଥାରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା’ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲକୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ ! ତୁମେ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ । ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଷକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାଃ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୂଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ ।

ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ୍ୟ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମ୍‌ଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ ।

ଜଣେ ମୂର୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ୍ୟ ହଜରତ ଇବ୍ରାହିମ ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ । ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମ୍‌ଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର)ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନ ମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ୍ୟ ନେଇଥାନ୍ତି ।

ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ୍ୟ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚାର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ । ହଜରତ ଇବ୍ରାହିମଙ୍କୁ ଅଲ୍ଲାଃ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍‌ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାଃଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୂତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଂଚିବାର ଏକମାତ୍ର ସମ୍ବଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜରା ପଚାରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ’ଣ ? ବାରମ୍ବାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜରା ବୁଝିପାରିଲେ ଯେ ଏହା ଆଲ୍ଲାଃଙ୍କ ନିର୍ଦ୍ଦେଶ । ସେ କହିଲେ, “ଯଦି ଏହା ଅଲ୍ଲାଃଙ୍କର ଇଚ୍ଛା, ତେବେ ଆପଣ ଆମକୁ ନିଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ । ଅଲ୍ଲାଃ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।” କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ “ସଫା” ଏବଂ “ମରୱା” ଉପରେ ସାତଥର ଚଢ଼ି ପାଣି ଖୋଜିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜରା ଆର୍ତନାଦ କରିଥିଲେ“ କ’ଣ ଅଲ୍ଲାଃଙ୍କର କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ?” ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ପୁତ୍ର ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ୍ୟ ଏକ ବିଶ୍ରାମଗାରରେ ପରିବର୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା‘‘ଆବେ ଜମ୍ ଜମ୍”(ଅର୍ଥାତ୍ ଏ ପାଣି ତୁ ଅଟକି ଯା’) ନାମରେ ବିଖ୍ୟାତ ।

କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି “ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।’’ ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ୟହୁଦୀ ଧର୍ମାଳମ୍ବୀମାନେ ମଧ୍ୟ ଗ୍ରହଣ କରିଥିଲେ । ପରବର୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନୀୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା ।କେତେକ ଅନୁଚରଙ୍କ ପ୍ରଶ୍ନର ଉତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ ‘ଏହା ହେଉଛି ସୁନ୍ନତ୍(ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାଃ ପବିତ୍ର କୋରାନର ସୁରା ଅଲ୍ ହଜ୍‌ରେ ଏହି ଆୟତ ଅବତୀର୍ଣ୍ଣ କଲେ “ତୁମ୍ଭମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାଃଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାଃଙ୍କ ପ୍ରତି ଭକ୍ତି ।” ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥାଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଳକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ “ଖୁତ୍‌ବା ଇଲ୍‌ହାମିଆ”ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାଃ ପାଖରେ ଆତ୍ମ ସମର୍ପଣ କରିଦିଏ... । ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ । ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନଭାବ ନେଇ ପ୍ରଥମେ କିଛି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଜୁହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇନଥାଏ,ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାଃଙ୍କ ସାନିଧ୍ୟ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ମଧ୍ୟ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି ସମୟର ଆହ୍ୱାନ ।

ମଙ୍ଗଳାବାଗ-କଟକ, ୯୬୯୨୨୨୫୦୫୭

# ‘ଧର୍ମ ଆହା ସେ କିବା ଅମୂଲ୍ୟ ଧନ, ସରି ନୁହଇ ତାରେ ମଣି କାଞ୍ଚନ...’

**କିଶୋର କୁମାର ଜେନା**

ମଣିଷ ଗୋଟିଏ ମନ ଗୋଟିଏ, ରୁଚି ଗୋଟଏ । ସ୍ୱାଭାବ, ଚରିତ୍ର , ଆଚାର ବ୍ୟବହାର ଭିନ୍ନ ଭିନ୍ନ । ତେଣୁ ସବୁଲୋକଙ୍କୁ ଗୋଟିଏ ପ୍ରକାର ଧର୍ମମାର୍ଗ ସୁହାଇନଥାଏ । ସେଥିପାଇଁ ମନୁଷ୍ୟ ସମାଜ ମଧ୍ୟରେ ବିଭିନ୍ନ ଧର୍ମପଥ ରହିଛି । ପୁଷ୍କରିଣୀର ଯେଉଁ ତୁଠରୁ ଆସିଲେ ମଧ୍ୟ ଜଳରେ ପହଞ୍ଚିବା ପରି ଯେଉଁ ମାର୍ଗରେ ଗଲେ ମଧ୍ୟ ତାହା ସୃଷ୍ଟିକର୍ତ୍ତାଙ୍କର ଦିବ୍ୟ ଧାମରେ ପହଞ୍ଚାଇ ଦେବା ପାଇଁ ସକ୍ଷମ ହୋଇପାରିବ । ଧର୍ମ ଅନ୍ଧବିଶ୍ୱାସ ନୁହେଁ । କୌଣସି ମତବାଦର ଅନ୍ଧାନୁସରଣ ଧର୍ମ ନୁହେଁ । ବିପଦରେ ପଡ଼ିଥିବାବେଳେ ପ୍ରାଣ ବିକଳରେ ସାମୟିକ ପ୍ରାର୍ଥନା କରିଦେବା ଧର୍ମର ମାର୍ଗ ନୁହେଁ । ଭଗବାନଙ୍କର ଦିବ୍ୟମାଳା ଦେହରେ ସୂତାଖିଅ ହୋଇ ଝୁଲି ରହିବା ହିଁ ଧର୍ମ । ସୃଷ୍ଟିକର୍ତ୍ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା, ଭକ୍ତି ପ୍ରେମ ପ୍ରକାଶ କରିବା ହିଁ ଧର୍ମ । ସତ୍ୟମାର୍ଗରେ ଚାଲିବା ହେଉଛି ଧର୍ମ । ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି – ‘ଯେ କୌଣସି ଧର୍ମ ମାନବ ସମାଜକୁ ଉଚିତ ମାର୍ଗ ପ୍ରଦର୍ଶନ କରିବା ପାଇଁ ସକ୍ଷମ । ହା ହୁତାଶମୟ ଅଶାଶ୍ୱତ ଦୁଃଖାଳୟ ମଧ୍ୟରୁ ଉଦ୍ଧାର କରି ସୁଖାଳୟ ଧାମକୁ ନେଇଯିବା ପାଇଁ ଧର୍ମ ହିଁ ସମର୍ଥ । ଧର୍ମର ବଡ଼ଦାଣ୍ଡରେ ଚାଲୁଥିଲେ ଦୁଃଖ ସମୂହର ଜୁଆର ପଛେଇଯାଏ । ଧର୍ମର ହରିହାଟରେ ଖାଲି ଆନନ୍ଦ ଆଉ ଆନନ୍ଦ । ପରିପୂର୍ଣ୍ଣ ଜୀବନ କ’ଣ ତାହା ଧର୍ମ ମାର୍ଗରୁ ମିଳିଥାଏ । ମନୁଷ୍ୟ କିଭଳି ଭାବେ ଦେବତ୍ୱ ପ୍ରାପ୍ତ ହେବ, ତାହା ହିଁ ଧର୍ମ ବତାଇଦିଏ ।’

ପୌରାଣିକ କଥା ବସ୍ତୁଟି ମନେପଡୁଛି – ରାଜା ରଘୁ ଥରେ ସର୍ବମେଧ ଯଜ୍ଞ ଆୟୋଜନ କଲେ ଏବଂ ଏହି ଯଜ୍ଞ ଅନୁରୂପ ନିଜର ସର୍ବସ୍ୱ ଦାନ କରିଦେଲେ । ଋଷି କୌତ୍ସ ମଧ୍ୟ ଏହି ଯଜ୍ଞରେ ଲୋକ କଲ୍ୟାଣ ହେତୁ ରାଜାଙ୍କ ଠାରୁ ସହଯୋଗ ପ୍ରାପ୍ତ କରିବାକୁ ଆସିଲେ । ମାତ୍ର ଋଷି ସେଠାରେ ପହଞ୍ଚିଲା ବେଳକୁ ରାଜା ନିଜର ସର୍ବସ୍ୱ ଦାନ କରି ସାରିଥିଲେ । ତାଙ୍କ ପାଖରେ ଏବେ ମାତ୍ର ଗୋଟିଏ ଆସନ ଏବଂ ମାଟି ପାତ୍ର ରହିଥିଲା । ଏହା ଦେଖି ଋଷି କୌତ୍ସ କିଛି ନକହି ନିରାଶ ମନରେ ଫେରିବାକୁ ବାହାରିଲେ । ଋଷିଙ୍କୁ ଫେରିଯିବାର ଦେଖି ରାଜା ରଘୁ ତାଙ୍କୁ ଦାନ ଦେବାକୁ ଚାହିଁଲେ । ଋଷିଙ୍କ ମନକଥା ଜାଣି ରାଜା ତାଙ୍କୁ ଅଟକିବାକୁ କହିବା ସହ ନିଜେ ପ୍ରଭୂଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ମାତା ଲକ୍ଷ୍ମୀ ରାଜାଙ୍କ ନିଷ୍କାମ ଭକ୍ତି ଏବଂ ଋଷିଙ୍କ ପରମାର୍ଥ ଭାବନାକୁ ଅନୁଭବ କରି ରାଜକୋଷକୁ ବିପୁଳ ସ୍ୱର୍ଣ୍ଣରାଶିରେ ଭରି ଦେଲେ । ରାଜା ରାଜକୋଷର ଦ୍ୱାରା ମହର୍ଷିଙ୍କ ନିମନ୍ତେ ଖୋଲିଦେଲେ । କିନ୍ତୁ ଋଷିବର କେବଳ ଅଭିଷ୍ଟ ସମ୍ପତ୍ତି ନେଲେ, ଅବଶିଷ୍ଟ ସମ୍ପତ୍ତି ରାଜାଙ୍କୁ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ଦାନ କରିଦେଲେ । ଧର୍ମ ପ୍ରତି ଆସ୍ଥାବାନ ବ୍ୟକ୍ତି ପରମାର୍ଥ ପ୍ରୟୋଜନ ନିମନ୍ତେ ଯେଉଁ ଚେଷ୍ଟା କରିଥାଏ ତାହା ଅପୂର୍ଣ୍ଣ ରହିନଥାଏ । ଏଭଳି ବ୍ୟକ୍ତିକୁ ସର୍ବଦା ଦୈବୀଶକ୍ତି ସହାୟକ ହୋଇଥାନ୍ତି ।

ଯେଉଁଠି ସେବା, ତ୍ୟାଗ ଏବଂ ପରୋପକାର ଭାବ ନାହିଁ, ସେଠାରେ ଧର୍ମ ସୁଦୂର ପରାହତ । ତେଣୁ ପ୍ରକୃତ ଧର୍ମ ଶିକ୍ଷା ଦିଏ ଉତ୍ତମ ଆଚରଣ କରିବା ପାଇଁ, ଦୟାଶୀଳ ହେବା ପାଇଁ, ସହନଶୀଳ ହେବାପାଇଁ । ଧର୍ମ ସମ୍ପର୍କରେ ଆଲୋଚନା କଲାବେଳେ ଭକ୍ତକବି ମଧୁସୂଦନଙ୍କର ସେହି କାଳଜୟୀ ଧାଡ଼ିଟି ଉଲ୍ଲେଖ କରୁଛି – ‘ଧର୍ମ ଆହା ସେ କିବା ଅମୂଲ୍ୟ ଧନ, ସରି ନୁହଇ ତାରେ ମଣି କାଞ୍ଚନ । ସ୍ୱର୍ଗୀୟ ମାଧୁରୀରେ ସଦା ସୁନ୍ଦର, ମହୀମଣ୍ଡଳେ କାହିଁ ତା ପଟାନ୍ତର ।’

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭

E-mail : kishorekumarjena.adv@gmail.com

## ପରିବେଶ ଦିବସ ଅବସରରେ ବୃକ୍ଷ ରୋପଣ ଓ ସଚେତନତା ଅଭିଯାନ




ନୟାଗଡ଼, (ମହାଭାରତ) : ଗତ ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଇକିରି ଗ୍ରାମର ସରକାରୀ ହୋମିଓପ୍ୟାଥିକ ଡାକ୍ତରଖାନା ପରିସରରେ ବୃକ୍ଷ ରୋପଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶୁଭାଶିଷ ନାୟକଙ୍କ ଆବାହକତ୍ୱରେ ଇଟାମାଟି ଓ ଆଖପାଖ ଗ୍ରାମର ପ୍ରାୟ ୬୦ଜଣରୁ ଉର୍ଦ୍ଧ୍ୱ ପରିବେଶ ପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଶିଷ୍ଟ ସମାଜସେବୀ ଭାଗିରଥି ବାଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହେବା ସହିତ ନିକୁଳର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ ଏହାକୁ ସଞ୍ଚାଳନ କରଥିଲେ । ପ୍ରଦୀପ୍ତ ପଟ୍ଟନାୟକଙ୍କ ପରିବେଶ ଓ ବୃକ୍ଷ ରୋପଣ ସମ୍ପର୍କିତ ସ୍ୱାଗତ ସଙ୍ଗୀତ ସମସ୍ତଙ୍କୁ ମନକୁ ବେସ୍ ଛୁଇଁଥିଲା । ପରିବେଶ ଦିବସ ୨୦୨୫ର ବିଷୟବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରିବା ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା ହେବା ସହିତ ପରିବେଶ ପ୍ରତି ଆମେ କିପରି ସଚେତନ ହୋଇପାରିବା ଏବଂ ପ୍ରଦୂଷଣ ନିୟନ୍ତ୍ରଣ କରିବା ରେ ସକ୍ଷମ ହେବ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା ବୋଲି ପ୍ରାୟ ସମସ୍ତେ ମତ ପ୍ରକାଶ କରିଥିଲେ । ସମସ୍ତ ଆଲୋଚନା ସରିବା ପରେ ଡାକ୍ତରଖାନା ପରିସରରେ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ବଉଳ ବୃକ୍ଷ ଏବଂ ଅଁଳା ବୃକ୍ଷ ଅତିଥି ମାନଙ୍କ ଦ୍ୱାର ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇକିରି ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରଞ୍ଜିତା ଦାଶ ଙ୍କ ସମେତ ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ନାୟକ ହୋମିଓପ୍ୟାଥିକ ମେଡିକାଲ ଡାକ୍ତର ବିଷ୍ଣୁବ କାନ୍ତି ଆଚାର୍ଯ୍ୟ ପୋଷ୍ଟ ମାଷ୍ଟର ମାଧବ ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ନାୟକ, ଗୋପାଳ ଚନ୍ଦ୍ର ସାହୁ ଓ ମଳୟ କୁମାର ଜେନା, ସମାଜ ସେବୀକା ଅମିତା ପ୍ରଧାନ, ପ୍ରଭୁ ଦତ୍ତ ପ୍ରଧାନ, ସୁକାନ୍ତ ମହାନ୍ତି, ସଞ୍ଜୟ କୁମାର ସାହୁ, ଜ୍ୟୋତି ରଞ୍ଜନ ପରିଡା , ରମେଶ ମଲ୍ଲ, ସରସ୍ୱତ ବିଭୁପଦ, ଦେବପ୍ରସାଦ ବେହେରା, ବବୁଲ ଦାଶ, ପ୍ରକାଶ,ଅନିଲ, ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସମାଜ ସେବୀ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଫକୋ ପାରାଦୀପ ୟୁନିଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ



ପାରାଦୀପ, (ମହାଭାରତ) : ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୨ତମ ବିଶ୍ୱ ପରିବେଶ ଦିବସ ଗୁରବାର ଦିନ ପାଳିତ ହୋଇଯାଇଛି । 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ଓ ପ୍ଲାଷ୍ଟିକ ବର୍ଜନ ସ୍ଲୋଗାନ ଆଧାରିତ ଏବଂ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଇଫକୋ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ରଙ୍କ ସମେତ ପରିବେଶ ଯନ୍ତ୍ରୀ ଡ଼ି.ଏଲ.ମହାପାତ୍ର, କୁମାରୀ ବିବେଚିତା ଷଡଙ୍ଗୀ, ସହ ପରିବେଶ ବିଜ୍ଞାନୀ କୁମାରୀ ଅନ୍ୱେଷା ପଣ୍ଡା, ଇଫକୋ ସାଧାରଣ ପରିଚାଳକ କେ.ଆର.ଏନ ମୂର୍ତ୍ତି ଓ ଜେଜିଏମ ଆର.କେ.ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।

## ଆହ୍ୱାନ ଫାଉଣ୍ଡେସନକୁ ସମ୍ମାନଜନକ ପ୍ରକୃତି ମିତ୍ର ପୁରସ୍କାର

ପାରାଦୀପ, (ମହାଭାରତ) : ପାରାଦୀପର ଅଗ୍ରଣୀ ପରିବେଶଧର୍ମୀ ସଂଗଠନ ଆହ୍ୱାନ ଫାଉଣ୍ଡେସନକୁ ଭୁବନେଶ୍ୱର ସ୍ଥିତ ଓୟୁଏଟି ଅଡିଟୋରିୟମରେ ଗୁରବାର ଦିନ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ୨କ୍ସ୨୫ ପ୍ରଦାନ କରାଯାଇଛି । ପରିବେଶ ସୁରକ୍ଷା ଏବଂ ଜଳବାୟୁ କାର୍ଯ୍ୟ ପ୍ରତି ସଂଗଠନର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା, ଯେଉଁଥିରେ ୨କ୍ସ



ଟଙ୍କାର ଅର୍ଥରାଶି ସହ ପ୍ରମାଣପତ୍ର ପୁରସ୍କାର ସ୍ୱରୁପ ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର କୁମାର ବିଶ୍ୱାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଏବଂ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ଓଡ଼ିଶାର ମୁଖ୍ୟ ସଚିବ, ସିଇଏସ୍ ନିର୍ଦ୍ଦେଶକ, ପିସିସିଏଫ୍ ଏବଂ ଓୟୁଏଟିର ଭାଇସ୍ ଚାନସ୍ଲେରଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ । ସୂଚନାଥାଉକି, ୧୨ ବର୍ଷ ପୂର୍ବେ ପ୍ରତିଷ୍ଠିତ, ଆହ୍ୱାନ ଫାଉଣ୍ଡେସନ ବୃକ୍ଷ ରୋପଣ ଅଭିଯାନ, ଲୁଣା ଜଙ୍ଗଲ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ସଚେତନତା ଅଭିଯାନ ଏବଂ ପରିବେଶଗତ କର୍ମଶାଳାରେ ସକ୍ରିୟ ଭାବରେ କାର୍ଯ୍ୟ କରିଆସୁଛି । ଏହି ସଂଗଠନ ଛାତ୍ରଛାତ୍ରୀମାନଙ୍କୁ ପରିବେଶଗତ ପ୍ରସଙ୍ଗରେ ସଚେତନ କରିବା ଏବଂ ଭବିଷ୍ୟତର 'ପରିବେଶ ଯୋଦ୍ଧା' ଭାବରେ ପ୍ରସ୍ତୁତ କରିବା ପାଇଁ ସ୍କୁଲ ଏବଂ କଲେଜ ସହିତ ବ୍ୟାପକ ଭାବରେ କାର୍ଯ୍ୟ କରୁଅଛି । ଏଥିପାଇଁ ଏହି ସଂଗଠନ କୁ ପୂର୍ବରୁ ପ୍ରକୃତି ମିତ୍ର ଏବଂ ୨କ୍ସ୨୨ ରେ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।। ଏଥିସହ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଏହାକୁ ଓଡ଼ିଶାର ଶ୍ରେଷ୍ଠ ଯୁବ ସଂଗଠନ ଭାବରେ ସମ୍ମାନିତ କରାଯାଇଥିଲା । ତେବେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ସମ୍ମାନ ପାଇବା ପରେ ଆହ୍ୱାନ ଫାଉଣ୍ଡେସନ ର ସଭାପତି ସାଗର କୁମାର ବିଶ୍ୱାଳ ରାଜ୍ୟ ସରକାରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ପାଇଁ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଦର୍ଶାଇଥିଲେ ।

## ଦେଶୀ ମଦ ଓ ମହୁଲ ପୋଚ ଜବତ

ରାଇରଙ୍ଗପୁର, (ମହାଭାରତ) : ମୟୁରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପ-ଅଧିକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଷ୍ଟେପୋଷି ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୨୨୦ ଲିଟର ଦେଶୀ ରନ୍ଧା ମଦ, ୫୬୦୦ ଲିଟର ମହୁଲ ପୋଚ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ କରଞ୍ଜିଆ ରେଞ୍ଜ ଅବକାରୀ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି, ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ଶବର, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ନାୟକ, ଯଶିପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ, ଠାକୁରମୁଣ୍ଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭାରତୀ ନାୟକ, ଶୁକ୍ରୁଳି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କୃଷ୍ଣଚନ୍ଦ୍ର ବିନ୍ଧାଣୀ, ସହ ଉପ-ନିରୀକ୍ଷକ ବିଶ୍ୱନାଥ ମହନ୍ତ, ଶମ୍ଭୁନାଥ ବାରିକ ଓ ଲକ୍ଷ୍ମଣ ନାୟକ, କନେଷ୍ଟବଳ ଦିଲ୍ଲୀପ ଜେନା, ଅରୁଣ କୁମାର ମୁଦୁଲି, ବୁଦ୍ଧଦେବ ମହନ୍ତ, ତମନ ପରିଡ଼ା ପ୍ରଭୃତି ସାମିଲ ଥିଲେ ।

## ମନରେଗାରେ ବ୍ୟାପକ ଅନିୟମିତତା: ଶ୍ରମିକ ବଦଳରେ ମେସିନ କରୁଛି କାମ


ଖୋର୍ଦ୍ଧା (ମହାଭାରତ): ରାଜ୍ୟରେ ସରକାର ବଦଳିଛି ହେଲେ ବଦଳି ପାରିଲା ନାହିଁ ନେତାଙ୍କ ଠାରୁ ନେଇ ପ୍ରଶାସନିକ ଅଧିକାରୀ ଏଂ ଜନ ପ୍ରତିନିଧିଙ୍କ ଚିରାଚରିତ ଅଭ୍ୟାସ । ଖୋର୍ଦ୍ଧା ଜିଲ୍ଲାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୂର୍ବାପେକ୍ଷା ବର୍ତ୍ତମାନ ବ୍ୟାପକ ଅନିୟମିତତା ବଢ଼ିଚାଲିଛି । ଶ୍ରମିକଙ୍କ ପରିବର୍ତ୍ତେ ହିଟାଚି, ଜେସିବି ପରି ମେସିନ କାମ କରୁଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଏଭଳି ଘଟଣା ଏବେ ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଖୋର୍ଦ୍ଧା, ଟାଙ୍ଗି, ବେଗୁନିଆ ଭଳି ବିଭିନ୍ନ ବ୍ଲକ ଅଞ୍ଚଳରୁ ଏଭଳି ଅଭିଯୋଗ ମାନ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି । ମନରେଗାରେ ସବୁଠି ବଡ ଦୁର୍ନୀତି ହେଉଛି ପୋଖରୀ ଖୋଳା କାର୍ଯ୍ୟ । ଅଭିଯୋଗ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଗଲା, ସେ ସମ୍ପର୍କରେ ପ୍ରଶାସନ ସ୍ତରରେ କେହି ମୁହଁ ଖୋଲିବାକୁ ନାରାଜ । ତଦନ୍ତ ଲାଗି ନିର୍ଦ୍ଦେଶ ଦିଆ ଯାଇଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇବାରେ ବ୍ୟସ୍ତ ସଂପୃକ୍ତ ଅଧିକାରୀ । ଅନ୍ୟପଟେ ବେକାରୀ ଦୂରୀକରଣ ଲାଗି ଶତାଧିକ ଶ୍ରମିକଙ୍କୁ ଦକ୍ଷତା ଅନୁସାରେ ମନେରେଗା ଯୋଜନାରେ କାମ



ଯୋଗାଇ ଦେବା ଲାଗି ବର୍ତ୍ତମାନ କେନ୍ଦ୍ର ତଥା ରାଜ୍ୟ ସରକାର ଗୁରୁତ୍ୱ ଦେଇଥିା ବେଳେ କେବଳ କାଗଜ ପତ୍ରରେ ଶ୍ରମିକ କାମ କରୁଥିବା ଦେଖାଯାଉଛି । ବାସ୍ତବ ଚିତ୍ର କିନ୍ତୁ ସଂପୂର୍ଣ୍ଣ ରୂପେ ଭିନ୍ନ । ମନେରେଗାରେ ଶ୍ରମିକଙ୍କ ପରିବର୍ତ୍ତେ ମେସିନ କାମ କରୁଥିବା ଅଭିଯୋଗ ଦେଖିବାକୁ ମିଳିଛି । ମନେରେଗାରେ ଆସିଥିବା ଅର୍ଥକୁ କେତେକ ରାଜନେତାଙ୍କ ଛତ୍ରଛାୟା ତଳେ ହରିଲୁଟ ଚାଲିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ଏହାକୁ ନୀରବ ସମର୍ଥନ ଦେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି, ପୂର୍ବ ସରକାରଙ୍କ ସମୟରେ ପଂଚଦଶ ଅର୍ଥ କମିଶନରେ ମନେରଗା କାର୍ଯ୍ୟ ପାଇଁ ଦିଆଯାଇଥିବା କାର୍ଯ୍ୟାଦେଶର କାର୍ଯ୍ୟ ଏବେ ମଧ ବହୁସ୍ଥାନରେ ଚାଲୁଛି । ଏପରକି ଉକ୍ତ କାମ ଗୁଡ଼ିକୁ ଦିନ ଦିପ୍ରହରରେ ଶ୍ରମିକ ବଦଳରେ ମେସିନ ଯୋଗେ କାମ କରୁଛନ୍ତି କିଛି ପେଟି ଠିକାଦାର । ଗହୀର ମଝି ହେଉ କିମ୍ବା ରାସ୍ତାପାର୍ଶ୍ୱ କେଉଁଠି ବି ହେଉ ତଦନ୍ତ ଲାଗି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁନଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ, ଖୋର୍ଦ୍ଧା ବ୍ଲକ ମନେରଗା କାର୍ଯ୍ୟରେ ଦୁର୍ନୀତିରେ ବୁଡିଥିବା ଅଭିଯୋଗ ହେଉଛି । ଏହି ବ୍ଲକ ଅଧିନ ନାଳିପଡା ଅର୍ଜୁନପୁର ପଂଚାୟତରେ ମନେରଗା ଯୋଜନାରେ ଦେଉଳ ପୋଖରୀ ଓ ନରେନ୍ଦ୍ର ପୋଖରୀ କାର୍ଯ୍ୟ ଚାଲିଛି । ଉକ୍ତ କାର୍ଯ୍ୟକୁ ହିଟାଚି ଏବଂ ଜେସିବି ପରି ମେସିନ୍ ସାହାଯ୍ୟରେ ଠିକାଦାରମାନେ ଦିନ ଦିପ୍ରହରରେ ପୋଖରୀ ଖୋଳୁଥିବା ଦେଖାଯାଇଛି । ସେହିପରି ମଲ୍ଲିପୁର, ଟାଙ୍ଗିଆପଡା ଏବଂ ଗୋଳବାଇ ପଂଚାୟତରେ ମଧ ସେହି ସମାନ ଦୃଶ୍ୟ ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲେ ବିଡିଓ ମାଡ଼ାମ୍ ଏହାକୁ କୌଶଳକ୍ରମେ ଏଡାଇ ଯାଇଥିବା ବେଳେ ନାଳିପଡା ଅର୍ଜୁନପୁର ପଂଚାୟତରେ ମନେରଗାରେ କୌଣସି କାର୍ଯ୍ୟାଦେଶ ଦିଆଯାଇନଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ କହିଛନ୍ତି । ମନେରେଗୋ କାମ କେବଳ ଶ୍ରମିକଙ୍କ ଦ୍ୱାରା କରାଯିବା ଲାଗି ଉଦ୍ଦିଷ୍ଟ । ଶ୍ରମିକ ପରିବର୍ତ୍ତେ ମେସିନ ଦ୍ୱାରା କାମ କରାଯାଉଥିବା ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ମାତ୍ର ଏହି ସବୁ କାର୍ଯ୍ୟର କାର୍ଯ୍ୟାଦେଶ ବ୍ଲକ ଯନ୍ତ୍ରୀଙ୍କ ନାଁରେ ଦିଆ ହେଉଛି । ହେଲେ ବ୍ଲକ ପ୍ରଶାସନ ନଜାଣି କିପରି ଏହି କାର୍ଯ୍ୟକୁ ପେଟି ଠିକାଦାର ମାନେ କରୁଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାସ୍ତବରେ ପ୍ରଶାସନ ଜାଣୁଛି ନା ଭାଗ କମିଯିବା ଆଶଙ୍କାରେ ନଜାଣିବା ଭଳି ଅଭିନୟ କରୁଛି, ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

## ଟାଟା ଷ୍ଟିଲ ପକ୍ଷରୁ ଗୁଆଲି ଠାରେ ପୋଖରୀ ରୂପାନ୍ତରଣ କାର୍ଯ୍ୟକ୍ରମ

ଯୋଡା, (ମହାଭାରତ) : ଯୋଡ଼ା ଟାଟା ଷ୍ଟିଲ ତରଫରୁ ସ୍ଥାୟୀ ଜଳ ପରିଚାଳନା ଓ ପରିବେଶ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟାଟା ଷ୍ଟିଲ୍ ପକ୍ଷରୁ ପରିବେଶ ଅନୁକୂଳ ଅଞ୍ଚଳ ଓ ଇକୋ-ଟୁରିଜିମ ସ୍ଥଳଗୁଡ଼ିକ ପାରିପାର୍ଶ୍ୱିକ ଅଞ୍ଚଳ ଓ ସ୍ଥାନୀୟ ପୋଖରୀଗୁଡ଼ିକର ରୂପାନ୍ତରଣ କରାଯାଉଛି । ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ କମ୍ପାନୀ ପକ୍ଷରୁ ଯୋଡା ବ୍ଲକ ଅନ୍ତର୍ଗତ ଗୁଆଲି ନିକଟସ୍ଥ ନୂଆଗାଁ ମନ୍ଦିର ପୋଖରୀର ରୂପାନ୍ତରଣ କରାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘଦିନର ଅନୁରୋଧ ପୂରଣ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରକଳ୍ପରେ ମୁଖ୍ୟ ପୋଖରୀର ପୁନରୁଦ୍ଧାର ସମେତ ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଗାଧୁଆ ସ୍ଥଳ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପ ପୋଖରୀର ସୌନ୍ଦର୍ଯ୍ୟ ବଢ଼ାଇବା ସହିତ ସାଂସ୍କୃତିକ ମୂଲ୍ୟବୋଧରେ ମଧ ଉନ୍ନତି ଆଣିଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅଧକ୍ଷ କବିନ୍ଦ୍ର




ନାଏକ, ବିଦ୍ୟାଧର ନାୟକ,ସରପଞ୍ଚ, ଗୁଆଲି ଗ୍ରାମ ପଞ୍ଚାୟତ, କୃଷ ଆପଟ, ସାମାଜିକ କର୍ମୀ, ଟାଟା ଷ୍ଟିଲ ଲିମିଟେଡର ମହାପ୍ରବନ୍ଧକ (ଓଏମକ୍ୟୁ) ଅତୁଲ କୁମାର ଭଟ୍ଟନାଗର, ଶ୍ରୀ ଦୀପକ ବେହେରା, ଟାଟା ଷ୍ଟିଲ କଲମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ମୁଖ୍ୟ, ଦାବରା ମୁଣ୍ଡା, ପୂର୍ବତନ ସରପଞ୍ଚ, ଗୁଆଲି ଗ୍ରାମ ପଞ୍ଚାୟତ, ଝୁରିଆ ମୁଣ୍ଡା, ସାମାଜିକ କର୍ମୀ, ବିଳାସିନୀ ଓରାମ, ସରପଞ୍ଚ, ଲୋଇଡାପଡା ଗ୍ରାମ ପଞ୍ଚାୟତ ଓ ଅନ୍ୟ ସମ୍ମାନନୀୟ ଅତିଥି ଯୋଗ ଦେଇଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଗୁଆଲି ଓ କଲମଙ୍ଗ ଅଞ୍ଚଳର ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଗୋଷ୍ଠୀ ବିକାଶ, ପାନୀୟ ଜଳ, ସୌର ଶକ୍ତି, ଭିତ୍ତିଭୂମି ଓ ଦକ୍ଷତା ବିକାଶ ଆଦି କ୍ଷେତ୍ର ପ୍ରତି ଯୋଗଦାନ ଦିଆଯାଉଛି । ପୋଖରୀ ରୂପାନ୍ତରଣ ପ୍ରକଳ୍ପରେ ୫୦୦ରୁ ଅଧିକ ଚାରା ଓ ଫୁଲ ଗଛ ଲଗାଯାଇଛି ଯାହା ସବୁଜ ବଳୟକୁ ବଢ଼ାଇଛି । ଏହା ବ୍ୟତୀତ ପରିବେଶ ଅନୁକୂଳ ଗାଧୁଆଘାଟ ଓ ସ୍ୱଚ୍ଛତା ତଥା ପରିମଳ ସୁବିଧାର ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଭୂତଳ ଜଳ ରିଚାର୍ଜ କରିବ ଓ ଜଳ ସାରଣୀ ସ୍ତର ବଢ଼ାଇବାରେ ସହାୟକ ହେବ ଏବଂ ଏକ ସ୍ୱଚ୍ଛ ଓ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବ । ପକ୍ଷୀ, କୀଟ ଓ ଗଛଲତା ଆଦିକୁ ଆକୃଷ୍ଟ କରିବା ସହ ଜୈବ ବିବିଧତାରେ ଉନ୍ନତି ଓ ଚାଷବାସରେ ମଧ ଏହା ସହାୟକ ହେବ ।

## ଭେଣ୍ଡିଂ ଜୋନ୍‌ରେ ନିଶା କାରବାର ବେଳେ ମାଡ଼ି ବସିଲା ପୋଲିସ, ଦମ୍ପତି ଗିରଫ

ଅନୁଗାଳ, (ମହାଭାରତ) : ଅନୁଗୁଳ ଟାଉନ ଥାନା ପୁଲିସ୍ ଟାଉନ୍ ହାଇସ୍କୁଲ ସାମ୍ନା ପରିତ୍ୟକ୍ତ ଭେଣ୍ଡିଂ ଜୋନ୍‌ରେ ଚଢ଼ାଉ କରି ୮ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି । ଏଥି ସହିତ ଏହି ଚୋରା କାରବାରର ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରାଜକିଶୋରପଡ଼ାର କହୁଲୁ ନାଏକ ଓ ତାଙ୍କ ସ୍ତ୍ରୀ ଚତୁରୀ ନାଏକ । ବ୍ରାଉନସୁଗାର ସହିତ ପୁଲିସ ସେମାନଙ୍କ ଠାରୁ ୨ଟି ମୋବାଇଲ୍ ଓ ନଗଦ ୩୬ ହଜାର ଟଙ୍କା ଜବତ କରିଛି । ସୂଚନା ଅନୁସାରେ, ନହୁଲ ଓ ଚତୁରୀ ଦୀର୍ଘଦିନ ହେଲା ବ୍ରାଉନସୁଗାର କାରବାର କରି ଆସୁଥିଲେ । ସେମାନେ ସେଠାରେ ଛୋଟ ଛୋଟ ପୁଡ଼ିଆ କରି ବିକ୍ରି କରୁଥିଲେ । ପୁଲିସ୍ ଏହି ଖବର ପାଇ ଉଭୟଙ୍କ ଉପରେ ନଜର ରଖିଥିଲା । ଠୋସ ଖବର ମିଳିବା ପରେ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ଚଢାଉ କରିଥିଲା । ପୁଲିସକୁ ଦେଖି ସେଠାରେ ଥିବା କିଛି ଲୋକ ଛତ୍ରଭଙ୍ଗ ଦେଇଥିଲେ । ମାତ୍ର ପୁଲିସ୍ ଉଭୟ କହୁଲୁ ଓ ଚତୁରୀଙ୍କୁ କାବୁ କରି ନେଇଥିଲା । ଛୋଟ ଛୋଟ ପୁଡ଼ିଆ କରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ବ୍ରାଉନସୁଗାର ସହିତ ମୋବାଇଲ ଓ ନଗଦ ୩୬ ହଜାର ଟଙ୍କା ଜବତ କରିଥିଲା । ରାଜକିଶୋରପଡ଼ାର ଜଣେ ଯୁବକଠାରୁ ସେମାନେ ବ୍ରାଉନସୁଗର ଆଣି ବ୍ୟବସାୟ କରୁଥିବା ପୁଲିସ ଜେରା ବେଳେ ସ୍ୱୀକାର କରିଛନ୍ତି ଦମ୍ପତି । ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ବିଜେପିରେ ଶତାଧିକ କର୍ମୀ ସାମିଲ

ଗଣିଆ, (ମହାଭାରତ): କଂଗ୍ରେସ ବିରୋଧରେ ଦେଶରେ ଗଢ଼ି ଉଠି ଥିବା ରାଜନୈତିକ ଶକ୍ତି ଭାବେ ଭାରତୀୟ ଜନ ସଙ୍ଘ ର ଜନ୍ମ



ହୋଇଥିଲା । ପରେ ଅଟଳ ବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡଭାନୀ ଙ୍କ ନେତୃତ୍ୱ ରେ ଜନସଂଘ ର ରୂପ ନେଇଥିଲା ଭାରତୀୟ ଜନତା ପାର୍ଟି । ମାତ୍ର ଦୁଇଟି ସାଂସଦ ଥିବା ଦଳ ଆଜି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳର ପରିଚୟ ପାଇଛି । ୨୦୧୪ପରେ ବିଜେପିକୁ ମିଳିଛି ବଡ ସଫଳତା । ପ୍ରଧାନ ମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ବିଜେପି ଲଗାତାର ତିନି ଥର ଦେଶରେ ସରକାର ହେବା ସହିତ ରାଜ୍ୟରେ ମଧ ପ୍ରଥମ ଥର ସଂଖ୍ୟାଗରିଷ୍ଠ ସହ ସରକାର ଗଢ଼ିବାରେ ସଫଳ ହୋଇଛି । ଏଥିସହିତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଣିଆରେ ବଢ଼ି ଚାଲିଛି ସଂଗଠନ । ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ସାଂସଦଙ୍କ ପ୍ରତିନିଧି ସରତ କୁମାର କର , ଜିଲ୍ଲା ପ୍ରତିନିଧି ଅନ୍ତର୍ଯାମି ମିଶ୍ର, ବରିଷ୍ଠ ସଂଗଠକ ବିଭୁତି କୁମାର ପଣ୍ଡା, ଚନ୍ଦ୍ର ଶେଖର ଦାଶ, ଶୁଭ୍ରଜିତ ପଣ୍ଡା ଭାଗୀରଥୀ ଗଡନାୟକ, ବାଉରୀବନ୍ଧୁ ରାଉତ, ପ୍ରଭାତ କୁମାର ଗଣ୍ଡିଆ, ସସ୍ମିତା ମିଶ୍ର ଓ ରଞ୍ଜୁଲତା ପଣ୍ଡାଙ୍କ ଉପସ୍ଥିତିରେ ଗଣିଆ ବ୍ଲକର ଶତାଧିକ ବିଜେଡି କର୍ମୀ ବିଜେପି ରେ ଯୋଗ ଦେଉଛନ୍ତି । ଏହା ଗଣିଆ ବ୍ଲକ ସହିତ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ପାଇଁ ଗର୍ବ ।

## ପ୍ରକୃତି ମିତ୍ର ପୁରସ୍କାର

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ମୋହନା ବ୍ଲକର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରିକୁ ମିଳିଛି ପ୍ରକୃତି ମିତ୍ର ପୁରସ୍କାର । ଏହି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରକୃତି ପ୍ରେମୀ ସଂସ୍କୃତ ଶିକ୍ଷକ ଲଳିତ ମୋହନ ମିଶ୍ର , ଯାହାଙ୍କର ନେତୃତ୍ୱ ରେ ବିଦ୍ୟାଳୟ ରେ ବୃକ୍ଷ ରୋପଣ, ଚାରା ବଣ୍ଟନ, ନୂତନ ଜଙ୍ଗଲ ସୃଷ୍ଟି, ମୃତ୍ତିକା ସଂରକ୍ଷଣ ଲୋକ ମାନଙ୍କ ମଧ୍ୟରେ ସଚେତନତା, ଶକ୍ତି ସଂରକ୍ଷଣ, ପ୍ଲାଷ୍ଟିକ ମୁକ୍ତ




ସମାଜ ଗଠନ ଭଳି ବିଭିନ୍ନ କାର୍ଯ୍ୟ କରି ଅନୁଷ୍ଠାନ ପକ୍ଷରୁ ପ୍ରଶଂସାର ପାତ୍ର ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ କୃଷି ଶିକ୍ଷା ସଦନ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ବିଦ୍ୟାଳୟ ତରଫରୁ ପ୍ରକୃତି ମିତ୍ର ପାଇଁ ସଂସ୍କୃତ ଶିକ୍ଷକ ଲଳିତ ମୋହନ ମିଶ୍ର ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଠାରୁ " ପ୍ରକୃତି ମିତ୍ର" ପୁରସ୍କାର ମାନପତ୍ର ସହ କୋଡିଏ ହଜାର ଟଙ୍କାର ଏକ ଚେକ ଗ୍ରହଣ କରଛନ୍ତି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ନାୟକ , ସମସ୍ତ କର୍ମଚାରୀ ,ବିଦ୍ୟାଳୟ କମିଟି, ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି । ଶ୍ରୀ ମିଶ୍ରଙ୍କ ନିକଟକୁ ବର୍ତ୍ତମାନ ଗଜପତି ଜିଲ୍ଲା ଜନସାଧାରଣ, ସ୍ଥାନୀୟ ପ୍ରଶାସନ ଓ ବୁଦ୍ଧିଜୀବୀ ଙ୍କ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ଏହି ପୁରସ୍କାର ପାଇ ଶ୍ରୀ ମିଶ୍ରଙ୍କୁ ଏଭଳି କ୍ଷେତ୍ରରେ ଆଗାମୀ ଦିନରେ ନିଶ୍ଚୟ ଅଧିକ ଉତ୍ସାହ ପ୍ରଦାନ କରିବ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି ।

## ନୂତନ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ନୂତନ ଭାବେ ଡକ୍ଟର




ନୀଳାଚଳ ସେନାପତି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏଥି ପୂର୍ବରୁ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକରେ କାର୍ଯ୍ୟରତ ଥିଲେ । କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଫୁଲ ତୋଡା ଦେଇ ଡକ୍ଟର ନୀଳାଚଳ ସେନାପତିଙ୍କୁ ସ୍ୱାଗତ ଜଣାଇଛନ୍ତି । ଜିଲ୍ଲାରେ ବିଭାଗ ପକ୍ଷରୁ ଚାଲି ଥିବା ବିଭିନ୍ନ ଯୋଜନା କିପରି ତୃଣ ମୂଳ ସ୍ତରରେ ପହଞ୍ଚିବ ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ଦଶପଲ୍ଲା ବଜାରରେ ବୋମାମାଡ଼

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ସ୍ଥିତ ଦୁର୍ଗାବଜାର ନିକଟରେ ବୋମାମାଡ଼ । ବୋମାମାଡ଼ କରିଥିବା ଯୁବକ ଜଣେ ମହିଳା ଙ୍କୁ ଦୁର୍ବ୍ୟବହାର କରିଥିଲା । ଏହାକୁ ବିରୋଧ କରିଥିଲେ ଲୋକେ । ବିରୋଧ କରିବା ପରେ ସମ୍ପୃକ୍ତ ଯୁବକ ବୋମାମାଡ଼ କରି ସେଠାରୁ ଫେରାର ହୋଇଯାଇଥିବା ଖବର ମିଳିଥିବା ବେଳେ । ଖବର ପାଇ ଦଶପଲ୍ଲା ପୋଲିସ ଘଟଣା ସ୍ଥଳରେ ପହଂଚି ଛାନବିନ କରୁଛି । ଅପରପକ୍ଷେ ଦଶପଲ୍ଲା ପୋଲିସ କୁ ଏ ସମ୍ପର୍କରେ ପଚାରିବାରୁ ବୋମାମାଡ଼ ନୁହେଁ ବରଂ ଜଣେ ମାନସିକ ବିକୃତ ବ୍ୟକ୍ତି ଦଶପଲ୍ଲା ଦୁର୍ଗା ବଜାର ନିକଟରେ ଜଣେ ମହିଳା କୁ ଦୁର୍ବ୍ୟବହାର କରୁଥିଲେ ଲୋକେ ଏହାକୁ ପ୍ରତିବାଦ କରିବାରୁ ପକେଟ ରୁ ଗୋଟିଏ ବାଣ ବାହାର କରି ଫିଙ୍ଗି ଦେଇଥିଲେ ପରେ ଗୋଟିଏ ଗାଡ଼ିର କାଚ ଭାଙ୍ଗି ସେଠାରୁ ଚାଲିଯାଇଥିବା କହିବା ସହ । ଏ ଘଟଣା ରେ କାହାର କିଛି କ୍ଷତି ହୋଇନଥିବା କହିଛନ୍ତି । କେବଳ ଜଣକ ଗୋଡ଼ରେ ବାଣ ରୁ ବାହାରିଥିବା ଗୋଡ଼ି ଟି ବାଜି ଯାଇଥିବା ପ୍ରକାଶ କରିଥିଲେ ଥାନା ଅଧିକାରିଣୀ ।

## ବନପାଳ ଶିଶିର ସାହୁଙ୍କୁ ହତ୍ୟା ମାମଲା: ମା'-ପୁଅଙ୍କର ହେବ ମିଛଧରା ପରୀକ୍ଷା

ନୟାଗଡ଼ (ମହାଭାରତ) : ବହୁ ଚର୍ଚ୍ଚିତ ପଞ୍ଚରିଡ଼ା ବନପାଳ ଶିଶିର ସାହୁଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଥିବା ମାମଲାରେ ପୁଣି ନୂଆମୋଡ଼ । ଏହି ମାମଲାର ଦୁଇ ଅଭିଯୁକ୍ତ ଶିଶିରଙ୍କ ପତ୍ନୀ ନମିତା ଓ ପୁଅ ଅଭିଷେକଙ୍କୁ ପୁଲିସ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଛି । ଏମିତିକି ପୁଆ ଅଭିଷେକ ବାପା ଶିଶିରଙ୍କୁ କେମିତି ହତ୍ୟା କରିଥିଲା, ଏହାର ଡେମା ମଧ ଦେଖାଇ ସାରିଛି । ଏତେ ସବୁ କାର୍ଯ୍ୟ ସରିଥିଲେ ମଧ ମା'-ପୁଅଙ୍କ ବୟାନକୁ ନେଇ ପୁଲିସର ସନ୍ଦେହ ସୃଷ୍ଟି ହୋଇଛି । ଶିଶିରଙ୍କୁ ଯେଉଁଭଳି ଢଙ୍ଗରେ ହତ୍ୟା କରାଯାଇଛି, ଏଥିରେ କେବଳ ଏହି ଦୁଇ ଜଣ ନୁହେଁ ଅନ୍ୟ ମାନଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି । ଫଳରେ ମା' ଓ ପୁଅଙ୍କର ବୟାନ କେତେ ସତ, ଏହା ଜାଣିବା ପାଇଁ ଦୁଇ ଜଣଙ୍କର ମିଛଧରା ପରୀକ୍ଷା କରାଯିବ ଖୁବ୍ ?ଶୀଘ୍ର । ସେମାନଙ୍କୁ ଭୁବନେଶ୍ୱର ନିଆଯାଇ ଏହି ପରୀକ୍ଷା କରାଯିବ ବୋଲି ନୟାଗଡ ଏସ୍ ?ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ସୂଚନା ପ୍ରଦାନ କରିଛନ୍ତି ।



■ **ସିସିଟିଭି ଫୁଟେଜରୁ ମିଳିଛି ବଡ଼ ସୁରାକ୍:** ଶିଶିରଙ୍କ ଘରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କକୁ ଟାଉନ ଥାନା ପୁଲିସ ଜବତ କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଏହି ହାର୍ଡଡିସ୍କକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ପରେ ପୁଲିସକୁ କିଛି ବଡ଼ ସୁରାକ୍ ମିଳିଛି । ଏଣୁ ଶିଶିର ଙ୍କ ସ୍ତ୍ରୀ ନମିତା ଓ ପୁଅ ଅଭିଷେକଙ୍କ ବୟାନକୁ ନେଇ ପୁଲିସର ସନ୍ଦେହ ସୃଷ୍ଟି ହୋଇଛି । ମା'-ପୁଅ ପୁଲିସକୁ ଭୂଆଁ ବୁଲାଇବାକୁ ଯାଇ ମିଛ କହିଥାଇ ପାରନ୍ତି ବୋଲି ସନ୍ଦେହ ସୃଷ୍ଟି ହୋଇଛି । ଏଣୁ ଭୁବନେଶ୍ୱର ନେଇ ଉଭୟଙ୍କର ମିଛ ଧରା ପରୀକ୍ଷା କରାଇବା ପାଇଁ ପୁଲିସ ଯୋଜନା କରିଛି । ଏ ଦିଗରେ ସମସ୍ତ ପ୍ରକ୍ରିୟା ଶେଷ କରିବା ପରେ ଭୁବନେଶ୍ୱର ନେଇ ଦୁଇ ଜଣଙ୍କ ପରୀକ୍ଷା କରାଯିବା ଏଥିରୁ ହିଁ ସତ୍ୟାସତ୍ୟ ପଦାକୁ ଆସିବ । ପୁଲିସର ଏ ଯୋଜନା ଜଣାପଡ଼ିବା ପରେ ପୁଣି ଥରେ ଏହି ହତ୍ୟାକାଣ୍ଡକୁ ନେଇ ଚର୍ଚ୍ଚା ବଢ଼ି ଯାଇଛି ।

■ **ରାତି ୧୦ ଟା ୩୦ରେ ଘର ବିଜୁଳି କଟାଯାଇଥିଲା:** ଘଟଣା ଘଟିବା ଦିନର ସିସିଟିଭି ଯାଞ୍ଚ କରିବା ପରେ ପୁଲିସ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଛି । ଦିନ ତମାମ୍ ମା'-ପୁଅଙ୍କର ଚାଲିଚଳଣ ବେଶ୍ ସ୍ୱାଭାବିକ ଥିଲା । ପ୍ରତ୍ୟେକ ଦିନ ସେମାନେ ଯେମିତି ବ୍ୟବହାର କରନ୍ତି, ଯାହା ଯାହା କରନ୍ତି, ସେଦିନ ବି ସେମିତି କରିଥିଲେ । ରାତି ପ୍ରାୟ ଠିକ୍ ୧୦ ଟା ୩୦ରେ ଘରର ବିଜୁଳିକୁ କାଟି ଦିଆଯାଇଥିଲା । ଅଭିଷେକ ହିଁ ମେନ୍ ସୁଇଜ୍ ବନ୍ଦ କରିଥିବା ଜଣାପଡ଼ିଛି । ଏହା ପରେ ଯାହା ବି ଘଟଣା ଘଟିଲା ସବୁ କିଛି ଅନ୍ଧାରରେ ଘଟିଥିଲା । ଘର ଭିତରେ କ୍ୟାଣ୍ଡେଲ ଲଗା ଯାଇଥିଲେ ମଧ୍ୟ ଯେଉଁଠି ଶିଶିରଙ୍କୁ ଜାଳି ଦିଆଯାଇଥିଲା, ଉକ୍ତ ଘରଟି ଅନ୍ଧାର ଥିଲା । ଏଣୁ ସ୍ପଷ୍ଟ ଭାବେ କିଛି ଦେଖାଯାଉ ନାହିଁ କେଉଁ କାରଣରୁ ଅଭିଷେକ ଘରର ବିଜୁଳି କାଟି ଦେଇଥିଲା, ଏହା ବର୍ତ୍ତମାନ ସୁଦ୍ଧା ଜଣାପଡୁନାହିଁ । ଯାହାକି ଘଟଣାକୁ ଅଧିକ ସନ୍ଦେହ ଜନକ କରିଛି ।

■ **ଯାଞ୍ଚ ହେବ ପେଟ୍ରୋଲ ଟାଙ୍କି ସିସିଟିଭି ଫୁଟେଜ୍:** ଘରେ ପୂର୍ବରୁ ସଂଗୃହୀତ ହୋଇ ରଖାଯାଇଥିବା ପେଟ୍ରୋଲରେ ଶିଶିରଙ୍କୁ ନମିତା ଜାଳି ହତ୍ୟା କରିଥିବା ଅଭିଷେକ ପୁଲିସକୁ ନିଜ ବୟାନରେ କହିଛି । ମାତ୍ର ଏତେ ପେଟ୍ରୋଲ କେଉଁଠୁ ଆସିଲା ବୋଲି ଏହାର ଉତ୍ତର କିନ୍ତୁ ସେ ଠିକ୍ ଭାବେ ଦେଉ ନାହିଁ । ତଥାପି ନିଜେ ଅଭିଷେକ ହିଁ ଟାଙ୍କିରୁ ପେଟ୍ରୋଲ କିଣିଥିବା ଜଣାପଡ଼ିଛି । ଯେଉଁ ଟାଙ୍କିରୁ ଏହି ପେଟ୍ରୋଲ ଆସିଛି, ଏହାର ସିସିଟିଭି ଯାଞ୍ଚ କରିବା ପାଇଁ ପୁଲିସ ନିଷ୍ପତ୍ତି ନେଇଛି । ପେଟ୍ରୋଲ କିଣିବା ପାଇଁ କେବଳ ଅଭିଷେକ ଯାଇଥିଲା ନା ତା' ସହ ଆଉ କିଏ ଥିଲା, ଏହା ଜାଣିବା ପାଇଁ ଏବେ ପୁଲିସ ପ୍ରୟାସ ଆରମ୍ଭ କରିଛି । ଯଦି ବାସ୍ତବରେ ପେଟ୍ରୋଲ କିଣିବା ସମୟରେ ଅଭିଷେକ ସହ ଆଉ କିଏ ଥିବାର ପ୍ରମାଣ ମିଳେ, ତାଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣାପଡ଼ିଛି । ଘଟଣା ଘଟିବା ରାତିରେ ତାଙ୍କର ଭୂମିକା କିଛି ରହିଛି କି ନାହିଁ, ତାହା ମଧ ସ୍ପଷ୍ଟ ହୋଇଯିବ ।

■ **ପରକୀୟା ପ୍ରୀତି ନା ଆଉ କିଛି ପାଇଁ ହତ୍ୟାକାଣ୍ଡ:** ମୃତ ଶିଶିରଙ୍କର ପରକୀୟା ପ୍ରୀତି ରହିଥିଲା ଏହାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଛି ବୋଲି ଆରମ୍ଭରୁ ନମିତା ଓ ଅଭିଷେକ ବୟାନ ଦେଉଛନ୍ତି । ମାତ୍ର ଅଧିକାଂଶ ସମୟରେ ମା' ପୁଅଙ୍କର ବୟାନରେ ତାଳମେଳ ରହୁ ନାହିଁ । ନମିତା କହୁଛନ୍ତି ତାଙ୍କ ସହ ପାଟିତୁଣ୍ଡ ହୋଇଥିଲା ଓ ସେ ଶିଶିରଙ୍କୁ ଧକ୍କା ଦେଇଥିଲେ । ମାତ୍ର ଏହି ହତ୍ୟାକାଣ୍ଡକୁ ନେଇ ଏବେ ସାଧାରଣ ଲୋକ, ଶିଶିରଙ୍କ ପଡ଼ୋଶୀଙ୍କ ମନରେ ଅସମାହିତ ପ୍ରଶ୍ନ ସୃଷ୍ଟି ହୋଇଛି । ପୁଲିସକୁ ଯେତେ ବେଳେ ଅଭିଷେକ ହତ୍ୟା ସମୟର ଡେମୋ ଦେଖାଉଥିଲା, ସେତେବେଳେ କହୁଥିଲା ଯେ ସେ ଶିଶିରଙ୍କୁ ପ୍ରଥମେ ଧକ୍କା ଦେଇଥିଲା ଓ ସେ ନିକଟରେ ରଖାଯାଇଥିବା ଟେବୁଲ ଫ୍ୟାନ୍ ଉପରେ ପଡ଼ିଥିଲେ । ସେ ଶିଶିରଙ୍କୁ ଉଠାଇଥିଲା ଓ ପୁଣି ଝଗଡ଼ା ହେବାରୁ ସେ ଆଉ ଏକ ଧକ୍କା ମାରିଥିଲା । ଏହା ପରେ ଶିଶିରଙ୍କ ଉପରକୁ ନମିତା ପେଟ୍ରୋଲ ଫୋପାଡ଼ି ନିଆଁ ଲଗାଇ ଦେଇଥିଲେ । ଏଣୁ ବୟାନରେ ତାଳମେଳ ରହୁନଥିବାରୁ ଘଟଣାଟି ବେଶ୍ ସନ୍ଦେହ ଜନକ ମନେ ହୋଇଛି । ବାସ୍ତବରେ ପରକୀୟା ପ୍ରୀତି ନା ହତ୍ୟାକାଣ୍ଡ ପଛରେ ଆଉ କିଛି ରହସ୍ୟ ରହିଛି, ଏହି ପ୍ରଶ୍ନଟି ଏବେ ସମସ୍ତଙ୍କ ମନରେ ଉଙ୍କି ମାରିଛି ।

## ଦୁଇ ଦିନିଆ ସ୍ୱାସ୍ଥ୍ୟ ଶିବିର ଉଦଘାଟିତ



ଉଦଳା ( ମହାଭାରତ ): ଉଦଳା ବରିଷ୍ଠ ନାଗରିକ ସଂଘ ସଭା ମଣ୍ଡପରେ ଶୁକ୍ରବାର ଦିନ ନିରାମୟ ସ୍ୱାସ୍ଥ୍ୟ ସେବାର ଯତ୍ନ ଓ ନିରାକରଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ସକାଳ ୯ ଘଟିକା ସମୟରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀକାନ୍ତ ପତି, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବରିଷ୍ଠ ବିଶେଷଜ୍ଞ ଡା.ଭାଗବତ ବେହେରା, ବିଜେପି ପୂର୍ବ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ସମାଜ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି ନିରାମୟ ସ୍ୱାସ୍ଥ୍ୟ ସେବାର ଯତ୍ନ ଓ ନିରାକରଣ ଦୁଇ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ପ୍ରଥମେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ମୋଟ ୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସେହିଭଳି ଭାବେ ସ୍ୱାସ୍ଥ୍ୟ ସେବାର ଯତ୍ନ ନିମନ୍ତେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କର ନାମ ପଞ୍ଜୀକରଣ କରାଯାଇ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ମଧୁମେହ, ହୃଦରୋଗ ପରୀକ୍ଷା ସମେତ ବିଭିନ୍ନ ପ୍ରକାର ରୋଗ ନିମନ୍ତେ ରକ୍ତ ପରୀକ୍ଷା କରାଯାଇଥିଲା । ପ୍ରାୟ ଶତାଧିକ ବରିଷ୍ଠ ନାଗରିକ ମହିଳା ପୁରୁଷଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।ବରିଷ୍ଠ ନାଗରିକ ସଂଘର ଉପସଭାପତି ଅବସରପ୍ରାପ୍ତ ଡା. ସଚ୍ଚିଦାନନ୍ଦ ପରିଡା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିର ଶନିବାର ମଧ୍ୟ ଚାଲୁ ରହିବ ବୋଲି ସଂଘର ସଦସ୍ୟ ଉପେନ୍ଦ୍ର ପୁହାଣ ସୂଚନା ଦେଇଛନ୍ତି ।

## ଓଡ଼ିଶା ସରକାର ଙ୍କ ଏକ ବର୍ଷ ପୂର୍ତ୍ତି,ଜିଲ୍ଲା ସ୍ତରୀୟ ବିଭିନ୍ନ କର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ଦେବଗଡ଼(ମହାଭାରତ): ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାର ଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ଙ୍କ ଏକ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ବିବିଧ ଯୋଜନା ଗୁଡିକର ଉଦେଶ୍ୟ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜନସାଧାରଣ ଙ୍କୁ ଅବଗତ କରିବା ଏବଂ ବହୁବିଧ କଲ୍ୟାଣକାରୀ ଦିଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ଜୁନ ୧୨ ରୁ ୧୮ ତାରିଖ ପ୍ରଧାନପାଟ ବଡ଼ ବଗିଚା ଠାରେ ୭ ଦିନ ବ୍ୟାପି ଜିଲ୍ଲା ରେ ସାଧାରଣ ସଭା, ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ (ବିକାଶ ମେଳା), ଗୋଷ୍ଠୀ ଗତ ଆଲୋଚନା ଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ସେମିନାର ଆୟୋଜନ କରାଯିବ ।ସେହିପରି ବ୍ଲକରେ ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବାପାଇଁ ସ୍ଥିର କରାଯାଇଛି । ବୈଠକରେ ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡିପିସି ମିଶନ ଶକ୍ତି ଶିଶିର କୁମାର ଷଡ଼ଙ୍ଗୀ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିରେନ କୁମାର ଛୁରିଆ, ଡେପୁଟି ସିଓ ଓରମାସ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ ମନୋରଞ୍ଜନ ସୁତାର ଓ ବିଭିନ୍ନ ଲାଇନ ଡିପାର୍ଟମେ□ ଅଧିକାରୀ ଉପସ୍ଥିତ ଥିଲେ ।

## ଭିସା ଗ୍ରୁପ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଦାନଗଦି:(ମହାଭାରତ)ବିଶ୍ୱ ପରିବେଶ ଦିବସରେ ବିଶ୍ୱ ପରିବେଶ କୁ ନେଇ ଅନେକ ସ୍ଥାନରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷିରେ ଯାଜପୁର ଜିଲ୍ଲା ରେ ଥିବା କଳିଙ୍ଗନଗର ରେ ମଧ୍ୟ ପରିବେଶ କୁ କିପରି ଠିକ୍ ରଖାଯାଇପାରିବ ସେହି ଉଦେଶ୍ୟ ରେ କଳିଙ୍ଗନଗର ସ୍ଥିତ ଜଖପୁରା ଗ୍ରାମ ରେ ଥିବା ସ୍ମସାନ ରେ ଭିସା ଷ୍ଟିଲ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟର ବହୁ ଅଧିକାରୀ ଙ୍କ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମ ରେ କାରଖାନା ର ଅଧିକାରୀ, ଗ୍ରାମ ବାସୀ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏକ ଶପଥ ପାଠ କରାଯାଇଥିଲା କି 'ମା ପାଇଁ ଗଛ ଟିଏ ' ଯାହା କୁ ଏକ ସ୍ୱର ରେ ସମସ୍ତେ ଶପଥ ନେଇଥିବା ବେଳେ ପାଖାପାଖି ୨୨୦ ଟି ବିଭିନ୍ନ ପ୍ରକାର ଗଛ ସ୍ମସାନ ଭିତରେ ଲଗାଇ ବା ସହିତ ବହୁ ଗଛ କାରଖାନା ପରିସରରେ ରୋପଣ କରିଥିବା ଦେଖିବାକୁ ମିଳିଛି । ଏହି ପରି କାର୍ଯ୍ୟ ଜଖପୁରା ତଥା ସ୍ଥାନୀୟ ଅଞ୍ଚଳବାସୀ ବହୁ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି । ଆଗକୁ ଆହୁରି ଅନେକେ ବୃକ୍ଷ ରୋପଣ କରିବା ସହିତ ପ୍ରଦୂଷଣ ମୁକ୍ତ କଳିଙ୍ଗନଗର ଗଠନ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ଅଧିକାରୀ ନିଜ ନିଜର ପ୍ରତିକ୍ରିୟା ରେ କହିଥିବା ଦେଖିବାକୁ ମିଳିଛି ।

## ବିଷମକଟକ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ବୈଠକ

ବିଷମ କଟକ/(ମହାଭାରତ):ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର କଲ୍ୟାଣ ମଣ୍ଡପ ଠାରେ ବିଷମକଟକ ନିର୍ବାଚନ ମଣ୍ଡଳି ର ବିଜୁ ଜନତା ଦଳରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥୁଲା. ଏହି ବୈଠକରେ ଦଳର ତିନି ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇଥିଲେ.ଦଳୀୟ ସାଂଗଠନିକ ସ୍ଥିତିକୁ ସୁଧାରିବା ଓ ତୃଣମୂଳ ସ୍ତରରେ ସ୍ଥିତି ପରଖୁବାକୁ ଦଳର ଦୁଇ ବରିଷ୍ଠ ଉପସଭାପତି ନେତା ଓ କର୍ମିଙ୍କୁ ଭେଟି ଆଲୋଚନା କରାଯାଇଥିଲା. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସଙ୍କ ଅଧ୍ୟକ୍ଷତାରେ ବିଷମକଟକ ନିର୍ବାଚନ ମଣ୍ଡଳି ତଥା ବିଷମକଟକ ବ୍ଲକ, ମୁନିଗୁଡା ବ୍ଲକ, କୋଲନରା ବ୍ଲକ, କଲ୍ୟାଣ ସିଙ୍ଗପୁରୁ ବ୍ଲକର ୱାର୍ଡ ମେମ୍ବର, ସମିତି ସଭ୍ୟ, ସରପ□, ଜିଲ୍ଲା ପରିଷଦ ମେମ୍ବର, ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମେତ ସହ ସହ ବିଜୁ କର୍ମି ମାନେ ଏହି ବୈଠକରେ ଯୋଗଦେଇଥିଲେ ।

## ଆଇନ ଶୃଙ୍ଖଳା ବିଗିଡି ଥିବା ଅଭିଯୋଗରେ ବିଜେଡି ପାଳିଲା କଳା ଦିବସ

ବ୍ୟାସନଗର (ମହାଭାରତ) ଗୁରୁବାର ଦିନ ସୁକିନ୍ଦା ବିଜୁ ଜନତା ଦଳ ପକ୍ଷରୁ ସୁକିନ୍ଦା ନିର୍ବାଚନୀ ମଣ୍ଡଳୀ ରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଥିବା ନେଇ କଳା ଦିବସ ପାଳିତ ହୋଇ ଯାଇଛି ।ପୂର୍ବ ତନ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଙ୍କ ନେତୃତ୍ୱ ରେ ବିଜୁ ଜନତା ଦଳର ହଜାର ହଜାର କର୍ମୀ ଓ ସମର୍ଥକ ଏହି କଳା ଦିବସ ପାଳନ ରେ ସାମିଲ ହୋଇଥିଲେ ।ପୂର୍ବାହ୍ନ ରେ ମିଲିଟାରୀ ଛକ ନିକଟରୁ ଏକ ବାଇକ ଶୋଭାଯାତ୍ରା ରେ ପ୍ରୀତିରଞ୍ଜନ ବାହାରି ଡୁବୁରୀ ଛକ ଦେଇ କପିଳେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ଏକ ପ୍ରତିବାଦ ସଭା ରେ



ଯାଜପୁର ର ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳ ର ଜାତୀୟ ପ୍ରବକ୍ତା ଶର୍ମିଷ୍ଠା ସେଠୀ,ଜିଲ୍ଲା ସଭାପତି ସରୋଜ ମହାପାତ୍ର,ସୁକିନ୍ଦା ଓ ଦାନଗଦି ବ୍ଲକ ସଭାପତି,ଉଭୟ ବ୍ଲକ ର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ,ଜିଲ୍ଲା ପରିଷଦ ସଭ୍ୟ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗ ଦେଇ ବିଜେପି ସରକାର ର ଗୁଣ୍ଡା ରାଜ ଓ ମାଫିଆରାଜ୍ ବଢୁ ଥିବା ନେଇ ଏହାକୁ ବିରୋଧ କରିବା ସହିତ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ ପ୍ରଶାସନ କୁ ସତର୍କ କରାଇ ଦେଇଥିଲେ । ସଭା ପରେ ସମସ୍ତ ନେତୃବୃନ୍ଦ ପ୍ରୀତି ରଞ୍ଜନ ଘଡ଼େଇ ଙ୍କ ନେତୃତ୍ୱ ରେ ଏକ ଶୋଭାଯାତ୍ରା ରେ ଯାଇ ଏସ ପି ଙ୍କ ଉଦ୍ଦେଶ୍ୟ ରେ କଳିଙ୍ଗ ନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସୁପ୍ରସନ୍ତ ମାଲିକ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।ଯଦି ଶାସକ ଦଳର ଗୁଣ୍ଡା ରାଜ ,ମାଫିଆ ରାଜ ବିରୁଦ୍ଧ ରେ ପ୍ରଶାସନ ଆଇନ ଗତ ପଦକ୍ଷେପ ନ ନିଏ ଏବଂ ଅରାଜକତା ସୃଷ୍ଟି କରୁଥିବା ଆସାମୀ ମାନଙ୍କୁ ଗିରଫ ନ କରେ ତେବେ ଆନ୍ଦୋଳନ କୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ ।ଏହି ସଭାରେ ସୁକିନ୍ଦାର ହଜାର ହଜାର ବିଜେଡି କର୍ମୀ ଯୋଗଦେଇଥିଲେ ।

## କୋରାଇ ଥାନା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ

ବ୍ୟାସନଗର,( ମହାଭାରତ ) ଶୁକ୍ରବାର କୋରାଇ ଥାନା ପକ୍ଷରୁ ନୂତନ ପ୍ରଣୀତ ଆଇନ, ସାଇବର ଠକେଇ ଓ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ରଗଡି ସ୍ଥିତ ଯାଜପୁର ସରକାରୀ ପଲିଟେକ୍ନିକରେ ଅନୁଷ୍ଠିତ ହୋଇଯାଇଛି । ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଦିନକୁ ଦିନ ସାଇବର ଠକେଇ ବଢୁଥିବା ବେଳେ ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ସାଧାରଣ ଲୋକଙ୍କୁ ଠକୁଛନ୍ତି । ଯୁବକଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ମାନେ ଏହି ସାଇବର ଠକଙ୍କ ସଂସ୍ପର୍ଶରେ ଆସି ବିଭିନ୍ନ ପ୍ରକାରର ଠକାମିର ଶିକାର ହେଉଛନ୍ତି । ଏଥିପାଇଁ ଆମକୁ ଯଥେଷ୍ଟ ସତର୍କ ରହିବାକୁ ପଡିବ, ଅଜଣା ନମ୍ବର, ସୋସିଆଲ ମିଡ଼ିଆ ଲିଙ୍କ୍ ଠାରୁ ଦୂରେଇ ରହିବା ଭଲ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ନୂତନ ଭାବେ ପ୍ରଣୀତ ହୋଇଥିବା ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଠକାମୀର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ପୋଲିସ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି । ପୋଲିସ କୁ ସହଯୋଗ କଲେ ଅପରାଧ ହ୍ରାସ ପାଇବ । ଏକ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ହେଲେ ପ୍ରଥମେ ଆମକୁ ନିଶା ସେବନ ଠାରୁ ଦୁରେଇ ରହିବାକୁ ପଡିବ । ନିଶା ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ବିପଦର କାରଣ ମଧ୍ୟ ହୋଇଥାଏ ବୋଲି କହିଥିଲେ । ଅଧ୍ୟକ୍ଷ ଶୁଭଙ୍ଗ କିଶୋର ଦାସ ତାଙ୍କ ସ୍ୱାଗତ ଭାଷଣରେ ପୋଲିସ ପ୍ରଶାସନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସାଇବର ଠକେଇରୁ ବର୍ତ୍ତିବା ପାଇଁ ପୋଲିସ



ପ୍ରଶାସନ ତଥା ଅନ୍ୟାନ୍ୟ ସଂସ୍ଥା ଦ୍ୱାରା କରାଯାଉଥିବା ସଚେତନତାକୁ ଆମକୁ ଗ୍ରହଣ କରିବାକୁ ପଡିବ । ଯୁବ ସମାଜ ଆମ ଦେଶର ମେରୁଦଣ୍ଡ । ସେମାନେ ନିଶା ସେବନରୁ ନିବୃତ୍ତ ରହିବା ସହ ଅନ୍ୟ ମାନଙ୍କୁ ଏଥିରୁ ଦୁରେଇ ରହିବା ପାଇଁ କାର୍ଯ୍ୟ କରି ଭଲ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏସ୍ଆଇ ବାସୁଦେବ ପରିଡା ଓ ଏଏସ୍ଆଇ ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ପ୍ରଭୁଦ□ ମିଶ୍ର ଏହାକୁ ପରିଚାଳନା କରିଥିଲେ, ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ଏଏସ୍ଆଇ ଉଷାରାଣୀ ଜେନାଙ୍କ ସମେତ ପୋଲିସ କର୍ମଚାରୀ ଓ ପଲିଟେକ୍ନିକ କଲେଜର ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସରକାରୀ ଜମି ଜବର ଦଖଲ ଉଚ୍ଛେଦ, ଗ୍ରାମବାସୀ ଙ୍କ ବିରୋଧ ପରେ ୭ ଦିନ ମହଲତ



ଅସ୍ତରଙ୍ଗ (ମହାଭାରତ): ପାଟଳଦା ପଞ୍ଚାୟତ କୁସୁମ୍ପର ମୌଜାର ବରଡ଼ିରେ ସଞ୍ଜୟ ମହାପାତ୍ରଙ୍କୁ ଜବର ଦଖଲରୁ ହଟାଇବାକୁ ଉଦ୍ୟମ କରି ପ୍ରଶାସନ ଆଜି ବିଫଳ ହୋଇଛି । ଉଚ୍ଛେଦ ପାଇଁ ପ୍ରସ୍ତୁତ ହେଲା ବେଳେ ସ୍ଥାନୀୟ ଅଂଚଳରୁ ବହୁ ମହିଳା ଓ ପୁରୁଷ ଏହାକରୁ ବିରୋଧ କରିଥିଲେଦୀର୍ଘ ସମୟ ଧରି ଅତିରିକ୍ତ ତହସିଲଦାର, ଅସ୍ତରଙ୍ଗ ପୁଲିସ୍ ପ୍ରଶାସନ ଓ ପୁଲିସ୍ ଫୋର୍ସ ଘଟଣା ସ୍ଥଳରେ ଡେରା ପକାଇ ମଧ୍ୟ ଜବରଦଖଲ ଉଚ୍ଛେଦ ହୋଇପାରିନଥିଲା ୭ ଦିନ ସମୟ ମହଲତ ଦେବା ସହ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖି ଘଟଣା ସ୍ଥଳରୁ ସମସ୍ତେ ଫେରି ଆସିଥିଲେ ସୂଚନାନୁସାରେ ବରଡ଼ିଛକ ନିକଟରେ ସଞ୍ଜୟ ମହାପାତ୍ରଙ୍କ ନିଜ ଜାଗାକୁ ଲାଗି ସମ୍ମୁଖରେ ଥିବା ସରକାରୀ ଜାଗାକୁ ଜବରଦଖଲ କରି ଚଳାଚଳ ହେଉଛନ୍ତି ସେ ସେଠାରେ ଏକ ଆଜାବେଷ୍ଟ ଘର କରି କୁକୁଡ଼ା ଫାର୍ମ ମଧ୍ୟ କରିଛନ୍ତି। ତେବେ ଅପରପାର୍ଶ୍ୱରେ ଦୂରରେ ସ୍ଥାନୀୟ ଅଂଚଳରୁ ପ୍ୟାରୀମୋହନ ନାୟକ ନାମକ ଅନ୍ୟ ଜଣେ ବ୍ୟକ୍ତି ଗୃହ ନିର୍ମାଣ କରି ଅନ୍ୟପଟେ ବାଟ ଥିଲେ ମଧ୍ୟ ସଞ୍ଜୟ ମହାପାତ୍ର ଚଳାଚଳ ହେଉଥିବା ଜାଗା ପଟେ ରାସ୍ତା ନେବାକୁ ଦାବିକରି ସେଠାରୁ ଜବରଦଖଲ ଉଚ୍ଛେଦ ଅସ୍ତରଙ୍ଗ ତହସିଲଦାରଙ୍କ ନିକଟରେ ଆବେଦନ କରିଥିଲେ। ଏବେ ସେଇ ଜାଗାକୁ ଉଚ୍ଛେଦ ପାଇଁ ଅସ୍ତରଙ୍ଗ ତହସିଲ୍ ପ୍ରଶାସନ ଅଣ୍ଟା ଆଜି ଦିନ ଧାର୍ଯ୍ୟ କରିଥିଲା ନିର୍ଦ୍ଧାରିତ ସମୟରେ ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା,ଅସ୍ତରଙ୍ଗ ପୁଲିସ୍ ପ୍ରଶାସନ ଓ ପୁଲିସ୍ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଉଚ୍ଛେଦ ପାଇଁ ଉଦ୍ୟମ ଆରମ୍ଭ କରନ୍ତେ ସ୍ଥାନୀୟ କେତେକ ମହିଳା ସମେତ ପୁରୁଷ ଲୋକ ଏହାକୁ ଘୋର ବିରୋଧ କରିଥିଲେ । ଜଣଙ୍କର ବ୍ୟକ୍ତିଗତ ସ୍ୱାର୍ଥକୁ ଆଖି ଆଗରେ ରଖି ଅନ୍ୟଜଣେ କାହିଁକି ହଇରାଣ ହେବ ବୋଲି ଏଭଳି ପ୍ରଶ୍ନ କରିଥିଲେ। ଅଭିଯୋଗ କରୁଥିବା ବ୍ୟକ୍ତି ନିଜେ ସରକାରୀ ଜାଗାକୁ ଜବର ଦଖଲ କରିବା,ଗୃହ ନିର୍ମାଣ ପରେ ଅନ୍ୟପଟେ ବାଟ ଥିବା ବେଳେ ନିଜର ସୁବିଧା ଦୃଷ୍ଟିକୋଣରୁ ଅନ୍ୟ ଏକ ସ୍ଥାନରୁ ଉଚ୍ଛେଦ ପାଇଁ ଦାବି କରିବା ଏକ ନ୍ୟାୟ ସଂଗତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଯୁକ୍ତି କରିଥିଲେ । ଅସ୍ତରଙ୍ଗ ତହସିଲ୍ ଅଧୀନରେ ପୂର୍ବରୁ ବହୁ ସଂଖ୍ୟାରେ ଜବରଦଖଲ ଉଚ୍ଛେଦ ମାମଲା ପଡିରହିଥିବା ବେଳେ ହଠାତ ଜଣକ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସାମାଚୀନ ନୁହେଁ ବୋଲି କହିଥିଲେ ଏଠାରୁ ଉଚ୍ଛେଦ ହେବା ମନା ନାହିଁ, କିନ୍ତୁ ଅଭିଯୋଗକାରୀ ସମେତ ଅନ୍ୟ ସମସ୍ତ ସ୍ଥାନରୁ ଜବରଦଖଲକୁ ଉଚ୍ଛେଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ । ଏଭଳି ବିରୋଧ ଓ ସ୍ଥାନୀୟ ଲୋକଙ୍କ ଦାବିକୁ ନେଇ ସେମାନଙ୍କ ସହ ଆଲୋଚନା ପରେ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ।

## ଜନ ଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ବୈଠକ

ଦେବଗଡ଼(ମହାଭାରତ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜନଜାତୀୟ ପିଏ.ଆଇ.ଟି.ଡିଏ ସନ୍ଧ୍ୟା ମାଝୀଙ୍କ ଆବାହନ କ୍ରମେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଧରତୀ ଅବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯକ୍ରମ ଜୁନ ୧୫ ରୁ ୩୦ ମଧ୍ୟରେ ବିଭିନ୍ନ ଗ୍ରାମକୁ ଯାଇ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ଅଭିଯାନ ର ଅଂଶ ରୂପେ ଧରତୀ ଅବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ୩୨ ଗୋଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୫୨ ଗୋଟି ଗ୍ରାମରେ ବିଶେଷ ସଚେତନତା ଶିବିର ଆୟୋଜିତ କରାଯିବ । ଯେଉଁଥିରେ ସରକାରୀ ଯୋଜନା ମାନଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରାଯିବ ଓ ବିଶେଷ କରି ଆଧାରକାର୍ଡ, ରାସନକାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତି ପ୍ରମାଣ ପତ୍ର, ଚଗ କିସାନ ଓ ଜନ ଧନ ଆକଉଣ୍ଟ ଭଳି ଜନହିତକର ସେବା ଉପରେ ବିଶେଷ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଧରତୀ ଅବା ଅଭିଯାନ କାର୍ଯ୍ୟକ୍ରମରେ ଜ଼ିଲ୍ଲା ସ୍ତରୀୟ ମ୍ୟନ ଶିବିର ପୂର୍ବରୁ ମଧ୍ୟ ଆୟୋଜିତ ହୋଇଥିଲା । ଯାହାର ଉଦେଶ୍ୟ ସରକାରୀ ଯୋଜନା ମାନଙ୍କ ଉପରେ ସଚେତନତା ବୃଦ୍ଧି ଓ ଏକତା ସୃଷ୍ଟି କରିବା । କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ବିଶେଷ ଗୁରୁତ୍ୱ ଦେବାକୁ ଜ଼ିଲ୍ଲାପାଳ ସମସ୍ତ ଜ଼ିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବନଖଣ୍ଡ ଅଧିକାରି ମଗର ଧନାଜି ରାଓସ, ଉପଜିଲ୍ଲାପାଳ ପରକ୍ଷିତ ସାହୁ , ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ପଣ୍ଡା,ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରଥି ପ୍ରଧାନ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉତ୍ସବ ଚରଣ ବେହେରା ଜିଲ୍ଲା ସୁଚନା ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ, ଗଜପତି ଦ୍ୱାରା ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକାରଣ ଙ୍କ ନିର୍ଦ୍ଦେଶ ଅନୁଯାଇ, ଜିଲ୍ଲା ଆଇନ ସେବା ପ୍ରାଧିକାରଣ, ଗଜପତି ଦ୍ୱାରା ବିଶ୍ୱ ପରିବେଶ ଦିବସ ଅବସରରେ ଉତ୍କଳ ବାଳ ଆଶ୍ରାମ, ହାତିବାଦୀ, ପାରଳାଖେମୁଣ୍ଡି ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ, ବିଭିନ୍ନ ପ୍ରଜାତିର ପ୍ରାୟ ୫୦ ଟି ଗଛର ଚାରା ରୋପଣ



କରାଯାଇଥିଲା ଏବଂ ଅନ୍ତେବାସୀଙ୍କୁ ବ୍ୟାଗ ପ୍ରଦାନ କରାଯାଇଥିଲା । ଏହି ଶୁଭ ଅବସରରେ, ଶ୍ରୀ ବିମଳ ରାଉଳ, ସଚିବ,ଜିଲ୍ଲା ଆଇନ ସେବା ପ୍ରାଧିକାରଣ, ଗଜପତି ଅଧ୍ୟକ୍ଷତା କରିଥିଲେ ଏବଂ ପରିବେଶ କିପରି ପ୍ରଦୂଷଣ ମୁକ୍ତ କରାଯିବ ସେ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ତଦୁପରି, ଶ୍ରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁଶାନ୍ତ ରଞ୍ଜନ ଦାସ, ଉପ -ଉଦ୍ୟାନ ଅଧିକାରୀ, ସୋଲମାନ ରାଇକା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀ ଗଣେଶ କୁମାର ପ୍ରଧାନ, ଫୋରେଷ୍ଟର, ପାରଳାଖେମୁଣ୍ଡି ଏବଂ ସମିଳିତ ଭାବେ ସମାବେଶକୁ ସମ୍ବୋଧନ କରି ପରିବେଶର ଗୁରୁତ୍ୱ ଓ ପରିବେଶ ସୁରକ୍ଷା ପାଇଁ ବିକଳ୍ପ ପଥ ବିଷୟରେ ଆଲୋକପାତ କରିଥିଲେ।

# ଜିନ୍ଦଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଯୋଡ଼ା/ବଡ଼ବିଲ(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପକ୍ଷରୁ ବୈଶ୍ୱିକ ଆହ୍ୱାନ ବିଟ୍ ଦ ପ୍ଲାଷ୍ଟିକ ପଲ୍ୟୁସନ ଆଧାରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନ୍ସା ମାଇନ୍ସରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ବ୍ୟାପକ ବୃକ୍ଷରୋପଣ ସମେତ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଜେଏସପି ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ତୃତୀୟ ଥର ପାଇଁ ନିର୍ବାଚିତ ସାଂସଦ ଶ୍ରୀ ନବୀନ ଜିନ୍ଦଲ ସୋସିଆଲ ମିଡ଼ିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ପ୍ଲାଷ୍ଟିକ ପ୍ରଦୂଷଣର ଦୀର୍ଘମିଆଦୀ ପ୍ରଭାବ ରହିଛି । ଏହା ବହୁ ପରିମାଣରେ ଆମ ପରିବେଶକୁ ପ୍ରଭାବିତ କରିଥାଏ । ଏହାର ଉତ୍ପାଦନ ଓ ଏହି ଆବର୍ଜନା ଅଙ୍ଗାରକାମ୍ଳ ନିର୍ଗମନକୁ ବୃଦ୍ଧି କରିଥାଏ । ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା, ପୁନଃବ୍ୟବହାରଯୋଗ୍ୟ ବିକଳ୍ପକୁ ଗ୍ରହଣ କରିବା ସହ ଚିରନ୍ତନ ବିକଳ୍ପକୁ ପ୍ରୋତ୍ସାହିତ କରିବା ଦ୍ୱାରା ଆମେ ଏକ



ସାର୍ଥକ ପରିବର୍ତ୍ତନ ଆଣିପାରିବା ।ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡିଙ୍କ ନେତୃତ୍ୱରେ ମିନି ମାରାଥନ ଓ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ସକ୍ରିୟ ଅଂଶଗ୍ରହଣ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀଙ୍କୁ ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ସେହିପରି କାଶିଆ ମାଇନ୍ସରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଶପଥ ଉତ୍ସବ, ପଥପ୍ରାନ୍ତ ନାଟକ ଓ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଆଲି ଫରେଷ୍ଟର ଶ୍ରୀ ଶରତ ପଟ୍ଟନାୟକ ଓ ବଡ଼ବିଲ ଫରେଷ୍ଟର ଶ୍ରୀ ଆଶୁତୋଷ ଚକ୍ରବର୍ତ୍ତୀ ଯୋଗଦେଇଥିଲେ । ଏଥିରେ ଅନ୍ୟ କର୍ମଚାରୀ ଓ ପରିବାର ସଦସ୍ୟ ସାମିଲ ହୋଇଥିଲେ ।ଟେନ୍ସା ମାଇନ୍ସରେ ୟୁନିଟ ହେଡ୍ ଶ୍ରୀ ରଘୁରାଜ ରଘୁବଂଶୀଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା । ବୃକ୍ଷରୋପଣ, ଶପଥ ଉତ୍ସବ, ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ସୃଷ୍ଟି ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରସୁଆଁ ଫରେଷ୍ଟ ରେଞ୍ଜର ଶ୍ରୀ ଧରଣୀଧର ସାହୁ, ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଏ ସମସ୍ତ କାର୍ଯ୍ୟକ୍ରମ ପରିବେଶ ପରିଚାଳନା ବିଭାଗ (ଇଏମଡି)ର ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ହୋଇଥିଲା । ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନ୍ସା ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଫଳ ଚାରା ରୋପଣ, ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା । ଏହା ସହିତ ଗ୍ରାମବାସୀଙ୍କୁ ପୁନର୍ବ୍ୟବହାରଯୋଗ୍ୟ ସୁତା କପଡ଼ା ବ୍ୟାଗ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ପେଲେଟ ପ୍ଲାଣ୍ଟ ପରିସରରେ ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ସମ୍ପର୍କିତ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା ।

## ଏଥର ୩୮ ଦିନ ହେବ ଅମରନାଥ ଯାତ୍ରା

**ନୂଆଦିଲ୍ଲୀ :** ଚଳିତ ବର୍ଷ ୩୮ ଦିନ ଧରି ଚାଲିବ ପବିତ୍ର ଅମରନାଥ ଯାତ୍ରା। ପ୍ରତି ବର୍ଷ ଏହି ଯାତ୍ରା ୫୨ ଦିନ ଧରି ଚାଲେ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ୩୮



ଦିନକୁ କମାଇ ଦିଆଯାଇଛି। ପ୍ରଥମଥର ପାଇଁ ଅମରନାଥ ଯାତ୍ରାର ଅବଧି ହ୍ରାସ ପାଇଛି। ବାର୍ଷିକ ତୀର୍ଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହେବ। ଏହା ଅଗଷ୍ଟ ୯ ଯାଏ ଚାଲିବ। ଅମରନାଥ ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଯାତ୍ରା ସମୟରେ ଜମ୍ମୁ-କଶ୍ମୀର ପୁଲିସ୍ ସହ ୫୮୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ ବା ସିଏପିଏଫ ମୁତୟନ ହେବେ। ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ସବୁ ପ୍ରକାରର ବନ୍ଦୋବସ୍ତ କରାଯିବ। ପ୍ରଥମଥର ପାଇଁ କନଭୟକୁ ସମ୍ଭାବ୍ୟ ବିପଦରୁ ଦୂରେଇ ରଖିବା ପାଇଁ ଯାତ୍ରା ସମୟରେ ଜାମର ବ୍ୟବସ୍ଥା କରାଯିବ। କନଭୟ ଅତିକ୍ରମ କରିବା ବେଳେ ସମସ୍ତ ଜାତୀୟ ରାଜପଥକୁ ଅସ୍ଥାୟୀ ରୂପେ ବନ୍ଦ ରଖାଯିବ। ସୁରକ୍ଷାକର୍ମୀମାନେ କେବଳ ସ୍ୟାଟେଲାଇଟ ଫୋନର ବ୍ୟବହାର କରିବେ। ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ(ଆରଏଫଆଇଡଇ) ଦ୍ୱାରା ଘୋଡା ବାଲା ଓ ଶ୍ରଦ୍ଧାଳୁଙ୍କୁ ଟ୍ରାକ କରାଯିବ। ପୁଲିସ୍ ଓ ସିଆରପିଏଫ ପକ୍ଷରୁ ତୀର୍ଥ ଯାତ୍ରୀଙ୍କ ସୁରକ୍ଷା ପାଇଁ ପିସିଆର ଭ୍ୟାନ ରଖାଯିବ। ବର୍ତ୍ତମାନ ସମସ୍ତ ରାସ୍ତାର ସୁରକ୍ଷା ଅଡିଟ ଓ ଡିଜିଟାଲ ମ୍ୟାପିଂ କରାଯାଉଛି। ନିଜେ ସିଆରପିଏଫ ଡିଜି ପହଲଗାମ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହାବାଦ ରୋଡ ଓପନିଂ ପାର୍ଟି, କ୍ୱିକ ଆକ୍ସନ ଟିମ, ସନ୍ଧାନୀ କୁକୁର ଓ ସ୍ୱତନ୍ତ୍ର ତାଲିମପ୍ରାପ୍ତ କୁକୁର କେ୯ ୟୁନିଟ ଓ ଡ୍ରୋନକୁ ମଧ୍ୟ ଅମରନାଥ ଯାତ୍ରାର ସୁରକ୍ଷା କାର୍ଯ୍ୟରେ ସାମିଲ କରାଯିବ। ଉଭୟ ପହଲଗାମ ଓ ବାଲତାଲ ରାସ୍ତାରୁ ଅମରନାଥ ଗୁମ୍ଫା ଯାଏ ଏପରି ସୁରକ୍ଷା ବ୍ୟବସ୍ଥା କରାଯିବ। ନିକଟରେ ହୋଇଥିବା ପହଲଗାମ ଆତଙ୍କବାଦୀ ହମଲାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତ ବର୍ଷ ଅମରନାଥ ଯାତ୍ରା ପାଇଁ ୩.୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପଞ୍ଜୀକରଣ କରି ସାରିଛନ୍ତି।

## ପାକିସ୍ତାନ ପରିସ୍ଥିତି ଅସମ୍ଭାଳ

**ନୂଆଦିଲ୍ଲୀ :** ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ ଭାରତର ପଦକ୍ଷେପ ପାକିସ୍ତାନରେ ଖରାପ ପ୍ରଭାବ ପକାଉଛି। ଭାରତର ଏହି ପଦକ୍ଷେପ ପରେ, ପାକିସ୍ତାନ ଏବେ ଜଳ ସଙ୍କଟର ଦ୍ୱାରଦେଶରେ ପହଞ୍ଚିଛି। ପାକିସ୍ତାନ ଏପର୍ଯ୍ୟନ୍ତ ଋଣରେ ବୁଡ଼ି ରହିଥିବା ବେଳେ, ଏବେ ପାଣିର ଅଭାବ ଏହାର କଷ୍ଟକୁ ଆହୁରି ବୃଦ୍ଧି କରିଛି। ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଭାରତକୁ ବାରମ୍ବାର ଅନୁରୋଧ କରୁଛି। ଭାରତ ସରକାରଙ୍କ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ନିଷ୍ପତ୍ତି ପରେ, ପାକିସ୍ତାନ ଭାରତ ସରକାରଙ୍କୁ ୪ଟି ଚିଠି ଲେଖିଛି। ଏହି ଚିଠି ମାଧ୍ୟମରେ, ପାକିସ୍ତାନ ଭାରତ ସରକାରଙ୍କୁ ଅନୁରୋଧ କରିଛି ଯେ, ଭାରତ ଚୁକ୍ତିନାମାକୁ ସ୍ଥଗିତ ରଖିବା ଉପରେ ପୁନଃବିଚାର କରିବା ଉଚିତ। ପାକିସ୍ତାନ ଏହା ମଧ୍ୟ କହିଛି ଯେ ସେ ଚୁକ୍ତିନାମା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ। ପାକିସ୍ତାନର ଜଳ ସମ୍ପଦ ମନ୍ତ୍ରଣାଳୟ ଭାରତର ଜଳ ଶକ୍ତି ମନ୍ତ୍ରଣାଳୟକୁ ଏକ ଚିଠି ଲେଖିଛି। ପାକିସ୍ତାନ ଚିନ୍ତିତ ଯେ ଭାରତର ନିଷ୍ପତ୍ତି ପାକିସ୍ତାନରେ ରବି ଫସଲ ଉପରେ ବହୁତ ଖରାପ ପ୍ରଭାବ ପକାଇବ। ନିୟମ ଅନୁଯାୟୀ ଏହି ଚିଠି ବୈଦେଶିକ ମନ୍ତ୍ରଣାଳୟକୁ ପଠାଯାଇଛି। କିନ୍ତୁ, ପାକିସ୍ତାନର ଆବେଦନ ପ୍ରତି ଭାରତର କୌଣସି ସହାନୁଭୂତି ନାହିଁ। ପ୍ରଧାନମନ୍ତ୍ରୀ ମୋଦି ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି, ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ। ଅନ୍ୟପକ୍ଷରେ, ଭାରତ ସରକାର ପାକିସ୍ତାନକୁ ଯାଉଥିବା ପାଣିର ଉତ୍ତମ ବ୍ୟବହାର ପାଇଁ ପ୍ରାୟ ୧୨ କିଲୋମିଟରର ଏକ ସୁଡ଼ଙ୍ଗ ଏବଂ ପ୍ରାୟ ୧୨୦-୧୩୦କିଲୋମିଟରର ଏକ ନାଳ ନିର୍ମାଣ କରିବା ଯୋଜନାରେ କାମ କରୁଛି। ଏହି ସୁଡ଼ଙ୍ଗ ଏବଂ ନାଳ ମାଧ୍ୟମରେ ପାକିସ୍ତାନକୁ ଯାଉଥିବା ନଦୀଗୁଡ଼ିକର ପାଣିକୁ ରବି କେନାଲ ପ୍ରକଳ୍ପ, ଇନ୍ଦିରା ନଦୀ ପ୍ରକଳ୍ପ, ବିକାନେର କେନାଲ, ଗଙ୍ଗ କେନାଲ ସହିତ ସଂଯୋଗ କରିବାର ଯୋଜନା ଅଛି ଯାହା ଦ୍ୱାରା ଏହି ନଦୀଗୁଡ଼ିକର ପାଣି ହରିୟାଣା, ପଞ୍ଜାବ, ରାଜସ୍ଥାନ ଏବଂ ଦିଲ୍ଲୀକୁ ଅଣାଯାଇପାରିବ। ବିଦେଶ ଯାଇଥିବା ୭ ଜଣ ଭାରତୀୟ ପ୍ରତିନିଧିଙ୍କୁ ବିଦେଶୀ ପ୍ରତିନିଧିମାନେ ସିନ୍ଧୁ ଜଳ ଚୁକ୍ତିନାମା ବିଷୟରେ ପ୍ରଶ୍ନ ପଚାରିଥିଲେ, ଯାହାର ଉତ୍ତରରେ ଭାରତୀୟ ପ୍ରତିନିଧିମାନେ କହିଥିଲେ ଯେ, ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ। ଯେପର୍ଯ୍ୟନ୍ତ ପାକିସ୍ତାନ ଭାରତକୁ ଆତଙ୍କବାଦୀ ପଠାଇଥାଏ, ସେପର୍ଯ୍ୟନ୍ତ ଏହାର କୌଣସି ସୁଯୋଗ ନାହିଁ। ଏପ୍ରିଲ ୨୨ରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଏକ ଆକ୍ରମଣ ହୋଇଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ସାଧାରଣ ଲୋକେ ମୃତ୍ୟୁବରଣ କରିଥିଲେ। ପହଲଗାମ ଆକ୍ରମଣ ପରେ, ପାକିସ୍ତାନ ଦ୍ୱାରା କରାଯାଉଥିବା ଆତଙ୍କବାଦ ଉପରେ ସମଗ୍ର ଦେଶ କ୍ରୋଧିତ ହୋଇଥିଲା। ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ଶିକ୍ଷା ଦେବା ପାଇଁ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଥିଲା। ଏହା ପରେ, ପାକିସ୍ତାନ ଏବେ ପାଣି ଅଭାବର ସମ୍ମୁଖୀନ ହେଉଛି। ଭାରତ ପାକିସ୍ତାନ ବିରୋଧରେ ଅପରେଶନ ସିନ୍ଦୂର ମଧ୍ୟ ଆରମ୍ଭ କରିଥିଲା । ଏହି ଅପରେଶନରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡା ନଷ୍ଟ କରାଯାଇଥିଲା। ପାକିସ୍ତାନ ମଧ୍ୟ ଭାରତ ଉପରେ ଆକ୍ରମଣ କରିବାର ଏକ ବିଫଳ ପ୍ରୟାସ କରିଥିଲା। ମେ ୧୦ରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ସ୍ୱାକ୍ଷରିତ ହୋଇଥିଲା।

# ବେଙ୍ଗାଲୁରୁ ଦଳାଚକଟା ମାମଲା: ୪ ଗିରଫ

**ବେଙ୍ଗାଲୁରୁ:** ବେଙ୍ଗାଲୁରୁ ଦଳାଚକଟା ମାମଲାରେ ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ । ଜଉଇ ମାର୍କେଟିଂ ହେଡ୍ ସମେତ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେଙ୍କୁ ଏୟାରପୋର୍ଟରୁ ଗିରଫ କରିଛି ପୋଲିସ । ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀର ୩ ଜଣଙ୍କୁ ଅଟକ ରଖିଛି ପୋଲିସ । ଜୁନ୍ ୪ ତାରିଖରେ ବେଙ୍ଗାଲୁରୁରେ ଜଉଇର ବିଜୟ ପରେଡ୍ ପୂର୍ବରୁ ହୋଇଥିବା ଦଳାଚକଟା ମାମଲାରେ ପୋଲିସର ପ୍ରଥମ ଗିରଫଦାରୀ । ତିନି ଜଣଙ୍କୁ ହେପାଜତକୁ ନେଇ





ପୋଲିସ ଏହି ମାମଲାରେ ଏକ ମାମଲା ରୁଜୁ କରିଥିଲା । ଏହା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତେବେ ନିଖିଲ ସୋସଲେ ମୁମ୍ବାଇ ପଳାଇବାକୁ ଚେଷ୍ଟା କରୁଥିଲେ । ବିମାନବନ୍ଦରରେ ପହଞ୍ଚିବା ମାତ୍ରେ ପୋଲିସ ତାଙ୍କୁ ଧରି ପକାଇଥିଲା ।

ଦଳଚକଟା ଘଟଣାରେ ବେଙ୍ଗାଲୁରୁ ପୋଲିସ କମିଶନରଙ୍କ ସହ କେତେକ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ଅତିରିକ୍ତ ପୋଲିସ କମିଶନର, କ୍ରିକେଟ ଷ୍ଟାଡିୟମ ଇନଚାର୍ଜ, ଏସିପି, ସେଣ୍ଟ୍ରାଲ ଡିସିପି, ଷ୍ଟେସନ୍ ହାଉସ ଅଫିସର, ପୋଲିସ ହାଉସ ମାଷ୍ଟର ଓ କୁବନ ପାର୍କ ପୋଲିସ ଷ୍ଟେସନର ଭାରପ୍ରାପ୍ତ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ନୂଆ ପୋଲିସ କମିଶନର ହୋଇଛନ୍ତି ସୀମନ୍ତ କୁମାର ସିଂ । ବି. ଦୟାନନ୍ଦଙ୍କ ସ୍ଥାନରେ ୧୯୯୬ ବ୍ୟାଚର ଓଚଝ ଅଫିସର ସୀମାନ୍ତ କୁମାରଙ୍କୁ ନୂଆ ପୋଲିସ କମିଶନର ଦାୟିତ୍ୱ ଦିଆଯାଇଛି ।

ସୂଚନାଯୋଗ୍ୟ, ୨୦୨୫ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟାଇଟଲ ଜିତିବା ପରେ ବେଙ୍ଗାଲୁରୁରେ ଦଳାଚକଟା ହୋଇଥିଲା । ମଙ୍ଗଳବାର ଆରସିବିର ବିଜୟ ଉତ୍ସବ ବେଳେ ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୫୦ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଆରସିବି ଫ୍ରାଞ୍ଚାଇଜି, କାର୍ଯ୍ୟକ୍ରମ ଆୟୋଜନ କରିଥିବା ସଂସ୍ଥା ଡିଏନଏ ଓ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏସନର ପ୍ରଶାସନିକ କମିଟି ବିରୋଧରେ ବେଙ୍ଗଲୁରୁର କବନ ପାର୍କ ଥାନାରେ ଏଫଆଇଆର ରୁଜୁ ହୋଇଛି ।

## ଏଲନ ମସ୍କଙ୍କ ଷ୍ଟାରଲିଙ୍କକୁ ଭାରତରେ ଲଞ୍ଚ ପାଇଁ ମିଳିଲା ଅନୁମତି

**ନୂଆଦିଲ୍ଲୀ :** ବିଶ୍ୱର ୧ନଂ ଧନୀ ଏଲନ ମସ୍କଙ୍କ ଷ୍ଟାରଲିଙ୍କକୁ ଭାରତ ସରକାରଙ୍କ ପକ୍ଷରୁ ମିଳିଛି ବଡ଼ ଅନୁମତି। ଏହି ଅନୁମତି ଦ୍ୱାରା ଭାରତରେ ଷ୍ଟାରଲିଙ୍କର ବ୍ୟବସାୟିକ ଲଞ୍ଚ ପାଇଁ ବାଟ ଫିଟିଛି। ଦୀର୍ଘ ୨ ବର୍ଷ ହେଲାଣି ମସ୍କଙ୍କ କମ୍ପାନୀକୁ ଭାରତରେ ବ୍ୟବସାୟ ଆରମ୍ଭ କରିବାକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏବେ ଭାରତରେ ବ୍ୟବସାୟ କରିବାକୁ ମସ୍କଙ୍କ କମ୍ପାନୀ ଅନୁମତି ପାଇଥିବା ଜଣାପଡ଼ିଛି। ଟେଲିକମ୍ୟୁନିକେସନ ବିଭାଗ ପକ୍ଷରୁ ଷ୍ଟାରଲିଙ୍କ ତୃତୀୟ କମ୍ପାନୀ ଭାବେ ଲାଇସେନ୍ସ ପ୍ରାପ୍ତ କରାଯାଇଛି। ଏହାପୂର୍ବରୁ ଇଉଟେଲଷ୍ଟାର ଓ୍ୱାନୱେବ ଓ ରିଲାଏନ୍ସ ଜିଓର ସ୍ୟାଟେଲାଇଟ ଆର୍ମକୁ ଭାରତର ସରକାର ଲାଇସେନ୍ସ ଦେଇଥିଲେ। ଏବେ ଷ୍ଟାରଲିଙ୍କକୁ ଲାଇସେନ୍ସ ମିଳିବାର ଅର୍ଥ କମ୍ପାନୀ ଭାରତରେ ହାଇ ସ୍ପିଡ ଇଣ୍ଟରନେଟ ସେବା ଯୋଗାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବ। ସ୍ୟାଟେଲାଇଟ ନେଟୱର୍କ ଜରିଆରେ ଭାରତୀୟମାନେ ଉଚ୍ଚ କ୍ଷମତା ସମ୍ପନ୍ନ ଇଣ୍ଟରନେଟ ସେବା ପାଇପାରିବେ।




୨୦୨୨ରେ ଷ୍ଟାରଲିଙ୍କ ଭାରତରେ ବ୍ୟବସାୟକ କରିବା ପାଇଁ ପ୍ରଥମେ ଲାଇସେନ୍ସ ମାଗିଥିଲା। କିନ୍ତୁ ଜାତୀୟ ସୁରକ୍ଷା ସମେତ ବିଭିନ୍ନ କାରଣରୁ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ଷ୍ଟାରଲିଙ୍କକୁ ଅନୁମତି ମିଳିଥିଲେ ହେଁ ଆମାଜନର ସ୍ୟାଟେଲାଇଟ ପ୍ରୋଜେକ୍ଟ କୁଇପର ଏବେ ବି ଭାରତ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ନିକଟରେ ଷ୍ଟାରଲିଙ୍କ ଓ ରିଲାଏନ୍ସ ଜିଓ ସ୍ପେକ୍ଟ୍ରମ ବଣ୍ଟନ ଭାରତ ସରକାର କେମିତି କରିବେ, ତା'କୁ ନେଇ ଭିନ୍ନଭିନ୍ନ ମତ ରଖିଥିଲେ। ମୋବାଇଲ ନେଟୱର୍କ ଭଳି ସ୍ୟାଟେଲାଇଟ ଯୋଗାଯୋଗର ସ୍ପେକ୍ଟ୍ରମ ପାଇଁ ମଧ୍ୟ ଅକ୍ସନ ହେବା ଦରକାର ବୋଲି ଜିଓ ମତ ରଖିଥିଲା। ହେଲେ ଷ୍ଟାରଲିଙ୍କ ବିଡିଂ ବଦଳରେ ସିଧାସଳଖ ସ୍ପେକ୍ଟ୍ରମ ବଣ୍ଟନ ହେବା ସପକ୍ଷରେ କହିଥିଲା। ଶେଷରେ ଭାରତ ସରକାର ଷ୍ଟାରଲିଙ୍କ କଥାରେ ରାଜି ହୋଇଥିଲେ। ଉପାନ୍ତ ଓ ଗ୍ରାମାଞ୍ଚଳରେ ଏବେ ବି ପାରମ୍ପରିକ ମୋବାଇଲ ନେଟୱର୍କ ଠିକ ଭାବେ ସେବା ଯୋଗାଇ ପାରୁ ନାହିଁ। ଏପରି କ୍ଷେତ୍ରରେ କେମିତି ଲୋକଙ୍କ ପାଖରେ କମ ଦାମରେ ଇଣ୍ଟରନେଟ ସେବା ପହଞ୍ଚିବ, ସେସମ୍ପର୍କରେ ଷ୍ଟାରଲିଙ୍କ କିମ୍ବା ଭାରତ ସରକାର କିଛି ବି କହି ନାହାନ୍ତି। ଯଦି ଷ୍ଟାରଲିଙ୍କ ଉପଯୁକ୍ତ ସେବା ପ୍ରଦାନ କରିବାରେ ସକ୍ଷମ ହେବ, ତା'ହେଲେ ଭାରତୀୟ ଇଣ୍ଟରନେଟ ସ୍ଥିତିରେ ନୂଆ ବିପ୍ଳବ ଆଣିବାରେ ସକ୍ଷମ ହେବ।

## ଗ୍ରାହକଙ୍କ ଏଫଡିରୁ କୋଟି କୋଟି ଟଙ୍କା ଲୁଟ କରୁଥିବା ବ୍ୟାଙ୍କ ଅଧିକାରୀ ଗିରଫ

**କୋଟା :** ସମସ୍ତେ ଜାଣନ୍ତି ବ୍ୟାଙ୍କରେ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥ ସୁରକ୍ଷିତ। ସେମାନେ ଏହାକୁ ନିଜର ଜରୁରୀ କାମ ବେଳେ ବ୍ୟବହାର କରିପାରିବେ। ବ୍ୟାଙ୍କରେ ଟଙ୍କା ଅଛି ମାନେ ଏହା ସଂପୂର୍ଣ୍ଣ ସୁରକ୍ଷିତ। କିନ୍ତୁ ବ୍ୟାଙ୍କରେ ମଧ୍ୟ ଟଙ୍କା ସୁରକ୍ଷିତ ନୁହେଁ। ଏହାର ଜ୍ୱଳନ୍ତ ଉଦାହରଣ ଏବେ ସାମ୍ନାକୁ ଆସିଛି। ବ୍ୟାଙ୍କ ଉପରେ ରହିଥିବା ଗ୍ରାହକଙ୍କ ବିଶ୍ୱାସ ଭାଙ୍ଗି ଯାଇଛି। ବ୍ୟାଙ୍କରେ କାମ କରୁଥିବା ଜଣେ ମହିଳା ଅଧିକାରୀ ଗ୍ରାହକଙ୍କ ବିଶ୍ୱାସରେ ବିଷ ଦେଇଛନ୍ତି। ମହିଳା ବ୍ୟାଙ୍କ ଅଧିକାରୀ ଜଣଙ୍କ ଗ୍ରାହକଙ୍କ ୪ କୋଟିରୁ ଅଧିକ ଟଙ୍କା ଲୁଟ କରିଛନ୍ତି। ଏହାର କାରଣ ହେଲା ଅଳ୍ପ ସମୟରେ ବଡ଼ ଲୋକ ଓ ଅଧିକ ଲାଭ ପାଇବାର ଆଶା ତାଙ୍କୁ ଘାରିଥିଲା। ସେ ଗ୍ରାହକଙ୍କ ଟଙ୍କାକୁ ବ୍ୟାଙ୍କରୁ ଲୁଟ କରି ଷ୍ଟକ ମାର୍କେଟରେ ଲଗାଉଥିଲେ। ୪୧ ଜଣ ଗ୍ରାହକଙ୍କ ଆକାଉଣ୍ଟରୁ ମହିଳା ଜଣଙ୍କ ଏପରି ଲୁଟ କରିଛନ୍ତି। ଦୀର୍ଘ ୨ ବର୍ଷ ଧରି ମହିଳା ଅଧିକାରୀ ଜଣଙ୍କ ଏପରି ଖେଳ କରି ଚାଲିଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଟଙ୍କା ଜମା କରିଥିବା ଗ୍ରାହକ ଏ ସମ୍ପର୍କରେ ଜାଣି ନଥିଲେ। ରାଜସ୍ଥାନର କୋଟାରୁ ଏଭଳି ଏକ ସାଂଘାତିକ ଘଟଣା ଘଟିଛି। କୋଟାରେ ଥିବା ଆଇସିଆଇସିଆଇ ବ୍ୟାଙ୍କର ରିଲେଶନଶିପ ମ୍ୟାନେଜର ଭାବେ କାମ କରୁଥିବା ସାକ୍ଷୀ ଗୁପ୍ତା ଗ୍ରାହକଙ୍କ ଫିକ୍ସଡ ଜମା ବା ଏଫଡିର ଅପବ୍ୟବହାର କରିଛନ୍ତି। ସେ ଏଫଡି ଲିଙ୍କର ଅପ୍ୟବହାର କରି ବେଆଇନ ଭାବେ ୪୧ ଜଣ ଗ୍ରାହକଙ୍କ ୧୧୦ଟି ଆକାଉଣ୍ଟରୁ ୪.୫୮ କୋଟି ଟଙ୍କା ଉଠାଇଥିଲେ। ୨୦୨୦ରୁ ୨୦୨୩ ମଧ୍ୟରେ ସାକ୍ଷୀ ଟଙ୍କା ଉଠାଣ କରିଥିଲେ। ଗ୍ରାହକଙ୍କ ଟଙ୍କାକୁ ସେ ଷ୍ଟକ ମାର୍କେଟରେ ଲଗାଇଥିଲେ। ତାଙ୍କର ଆଶା ଥିଲା ଯେ ଷ୍ଟକ ମାର୍କେଟରୁ ଲାଭ ପାଇବା ପରେ ଗ୍ରାହକଙ୍କ ଟଙ୍କା ପୁଣି ସେମାନଙ୍କ ଆଉଣ୍ଟରେ ଜମା କରି ଦେବେ। ସେମାନଙ୍କ ଟଙ୍କାକୁ ଷ୍ଟକ ମାର୍କେଟରେ ଲଗାଇ ପାଇଥିବା ଲାଭକୁ ନିଜେ ଚଳୁ କରି ଦେବେ।




କିନ୍ତୁ ଅଧିକ ଲୋଭ ତାଙ୍କୁ ମହଙ୍ଗା ପଡ଼ିଥିଲା। ସେ ଷ୍ଟକ ମାର୍କେଟରେ ବ୍ୟାପକ କ୍ଷତି ସହିବାରୁ ଗ୍ରାହକଙ୍କ ଟଙ୍କା ଜମା କରିବାରେ ଅକ୍ଷମ ହୋଇଥିଲେ। ତଥାପି ଏକଥା କାହାକୁ ଜଣା ନଥିଲା। ନିକଟରେ ଜଣେ ଗ୍ରାହକ ନିଜର ଏଫଡି ଚେକ କରିବାକୁ ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଯାଞ୍ଚ କରିବା ବେଳେ ଟଙ୍କା ନଥିବା ଜଣାପଡ଼ିଥିଲା। ଏହାପରେ ବ୍ୟାଙ୍କ ପକ୍ଷରୁ ଫେବୃଆରୀ ୧୮ରେ ପୁଲିସ୍ ?ରେ ଅଭିଯୋଗ କରାଯାଇଥିଲା। । ପୁଲିସ୍ ଘଟଣାର ତଦନ୍ତ କରି ବୁଧବାର ରାତିରେ ସାକ୍ଷୀଙ୍କୁ ତାଙ୍କ ଭଉଣୀଙ୍କ ବାହାଘର ମଣ୍ଡପରୁ ଗିରଫ କରିଥିଲା। ଏହାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ତଦନ୍ତରୁ ଜଣାପଡ଼ିଛି ଯେ ଗ୍ରାହକଙ୍କ ଆକାଉଣ୍ଟ ସହ ଲିଙ୍କ ହୋଇଥିବା ମୋବାଇଲ ନମ୍ବରକୁ ମଧ୍ୟ ସାକ୍ଷୀ କୌଶଳକ୍ରମେ ବଦଳାଇ ଦେଇଥିଲେ। ଏଥିଯୋଗୁ ଟଙ୍କା ଉଠାଣର ମେସେଜ ପ୍ରକୃତ ଗ୍ରାହକଙ୍କ ପାଖରେ ପହଞ୍ଚି ପାରି ନଥିଲା। ତଦନ୍ତକାରୀ ଅଧିକାରୀ ଇବ୍ରାହିମ ଖାନ କହିଛନ୍ତି, "ସାକ୍ଷୀ ବେଶ କୌଶଳକ୍ରମେ ନିଜ ପରିବାର ଲୋକଙ୍କ ଫୋନ ନମ୍ବରକୁ ଗ୍ରାହକମାନଙ୍କ ଆକାଉଣ୍ଟରେ ଲିଙ୍କ କରି ଦେଇଥିଲେ। ଏପରି କରି ସେ ବିଭିନ୍ନ ଆକାଉଣ୍ଟରୁ ୪ କୋଟିରୁ ଅଧିକ ଟଙ୍କା ଉଠାଣ କରିଥିଲେ। ଠକେଇକୁ ସଂପୂର୍ଣ୍ଣ ଗୋପନ ରଖିବା ପାଇଁ ସେ ନିଜ କମ୍ପ୍ୟୁଟରରେ ହିଁ ଓଟିପି ଜେନେରେଟେଡ ବ୍ୟବସ୍ଥାକୁ ଲିଙ୍କ କରି ଦେଇଥିଲେ।" ଆଇସିଆଇସିଆ ବ୍ୟାଙ୍କ ପକ୍ଷରୁ ଏଯାଏ ଘଟଣା ସମ୍ପର୍କରେ କୌଣସି ବିବୃତି ଜାରି କରାଯାଇ ନାହିଁ। ହେଲେ ବ୍ୟାଙ୍କ ଗ୍ରାହକମାନେ ସହି ଥିବା କ୍ଷତିକୁ ନିଜ ତରଫରୁ ଭରଣ କରିବ ବୋଲି ରାଜି ଅଛି।

## ବଢ଼ିଲା ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ରାଣାଙ୍କ ଜୁଡିସିୟାଲ କଷ୍ଟଡି

**ନୂଆଦିଲ୍ଲୀ :** ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ରାଣାର ନ୍ୟାୟିକ ହାଜତକୁ ବୃଦ୍ଧି କରିଛନ୍ତି। ରାଣାଙ୍କ ପରବର୍ତ୍ତୀ କୋର୍ଟ ହାଜର ୯ ଜୁଲାଇରେ। ଏହାର ଅର୍ଥ ହେଉଛି ତହଉର ରାଣାଙ୍କୁ ଏବେ ୯ ଜୁଲାଇ ପର୍ଯ୍ୟନ୍ତ ନ୍ୟାୟିକ ହାଜତରେ ରହିବାକୁ ପଡିବ। ସୁରକ୍ଷା କାରଣରୁ ଶୁକ୍ରବାର ତାଙ୍କୁ ଭର୍ଚୁଆଲ ମୋଡ ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା। ରାଣାଙ୍କ ଓକିଲ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଚିନ୍ତା ପ୍ରକାଶ କରିଥିଲେ। ଯୁକ୍ତିକୁ ବିଚାର କରି କୋର୍ଟ ତିହାର ଅଧିକାରୀଙ୍କୁ ଜୁନ ୯ ସୁଦ୍ଧା ଏହି ମାମଲାରେ ଏକ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ, ରାଣା ତାଙ୍କ ପରିବାର ସହିତ କଥା ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ, ମାଷ୍ଟରମାଇଣ୍ଡ ତହଉର ରାଣା ପରିବାର ସହିତ କଥା ହେବା ପାଇଁ କୋର୍ଟରେ ଏକ ଆବେଦନ ମଧ୍ୟ ଦାଖଲ କରିଥିଲେ। କୋର୍ଟ ୯ ଜୁନରେ ରାଣାଙ୍କ ଆବେଦନର ଶୁଣାଣି କରିବେ। ଯେତେବେଳେ ରାଣାଙ୍କୁ ଏନଆଇଏ ହେପାଜତକୁ ନେଇଥିଲା, ସେ ପରିବାର ସହିତ କଥା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ରାଣାଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ ଜଣେ ବିଦେଶୀ ନାଗରିକ ଭାବରେ, ତାଙ୍କ ପରିବାର ସହିତ କଥା ହେବା ରାଣାଙ୍କର ମୌଳିକ ଅଧିକାର। ରାଣାଙ୍କ ପରିବାର ତାଙ୍କ ସୁସ୍ଥତା ପାଇଁ ଚିନ୍ତିତ। ପୂର୍ବରୁ ୨୪ ଏପ୍ରିଲରେ ସ୍ୱତନ୍ତ୍ର ବିଚାରପତି ଚନ୍ଦର ଜିତ ସିଂହ ରାଣାଙ୍କ ପରିବାର ସହିତ କଥାବାର୍ତ୍ତା ପାଇଁ ଅନୁମତି ମାଗିଥିବା ଆବେଦନକୁ ଖାରଜ କରିଦେଇଥିଲେ। ଏନଆଇଏ ତାଙ୍କ ଆବେଦନକୁ ବିରୋଧ କରିବା ପରେ କୋର୍ଟ ଏହି ନିଷ୍ପତ୍ତି ଦେଇଥିଲେ। ଶୁଣାଣି ସମୟରେ ଏନଆଇଏ ଯୁକ୍ତି ଦେଇଥିଲା ଯେ ଯଦି ରାଣାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରିବାକୁ ଅନୁମତି ଦିଆଯାଏ, ତେବେ ସେ କଥାବାର୍ତ୍ତା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଶେୟାର କରିପାରିବେ। ସୂଚନାଯୋଗ୍ୟ, ପାକିସ୍ତାନ ସେନାର ପୂର୍ବତନ ମେଡିକାଲ କର୍ପସ ଅଧିକାରୀ ରାଣାଙ୍କୁ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ବିଚାର ପାଇଁ ସମ୍ପ୍ରତି ଆମେରିକାରୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା, ଯେଉଁଥିରେ ୨୬ ନଭେମ୍ବର ୨୦୦୮ରେ ୧୬୬ ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ଶହ ଶହ ଲୋକ ଆହତ ହୋଇଥିଲେ। ୯ ମେରେ ସ୍ୱତନ୍ତ୍ର କୋର୍ଟ ରାଣାଙ୍କୁ ୬ ଜୁନ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇ ଦେଇଥିଲେ। ଶୁକ୍ରବାର ପଟିଆଲା କୋର୍ଟରେ ଶୁଣାଣି ପରେ ରାଣାଙ୍କୁ ୯ ଜୁଲାଇ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇ ଦିଆଯାଇଛି।

# ସବୁଠାରୁ ବଡ଼ ଦରମା ସ୍କାମ: ୫୦ ହଜାର 'ଭୂତ କର୍ମଚାରୀ' ଓ ୨୩୦ କୋଟିର ଠକେଇ

**ମଧ୍ୟପ୍ରଦେଶ:** ପ୍ରାୟ ୫୦ ହଜାର ସରକାରୀ କର୍ମଚାରୀ ୬ ମାସରୁ ଅଧିକ ସମୟ ହେଲା ଦରମା ପାଇ ନାହାନ୍ତି। ୫୦ ହଜାର କର୍ମଚାରୀ ଅର୍ଥ ମଧ୍ୟପ୍ରଦେଶ ସରକାରୀ କଳର ଏହା ହେଉଛି ପାଖାପାଖି ୯%। ଅର୍ଥାତ ସରକାରୀ କଳର ୯% କର୍ମଚାରୀ ୬ ମାସ ହେଲା ଦରମା ପାଇ ନାହାନ୍ତି। ଏହାର ପ୍ରକୃତ ରହସ୍ୟ ବୋଧ ରାଜ୍ୟ ପ୍ରଶାସନର ଫାଇଲ ତଳେ ଚାପି ହୋଇ ରହି ଯାଇଛି। କିନ୍ତୁ ବାସ୍ତବରେ ଏହା ମଧ୍ୟପ୍ରଦେଶ ଇତିହାସର ସମ୍ଭବତଃ ସବୁଠାରୁ ବଡ଼ ଦରମା ସ୍କାମ ବୋଲି କୁହାଯାଉଛି। ଖୋଳତାଡ଼ରୁ ଜଣାପଡ଼ିଛି ଯେ ଏତେ ସଂଖ୍ୟକ ଦରମା ପାଇ ନଥିବା କର୍ମଚାରୀ ସରକାରୀ କାଗଜପତ୍ରରେ ରହିଛନ୍ତି। ସେମାନଙ୍କର ନାଁ ଓ ଆଇଡି ନମ୍ବର ରହିଛି। କିନ୍ତୁ କୌଣସି କାରଣରୁ ସେମାନଙ୍କ ଦରମା ୬ ମାସ ହେଲା ରିଲିଜ ହୋଇନାହିଁ। କ'ଣ ଏହି କର୍ମଚାରୀମାନେ ଦେୟ ମୁକ୍ତ ଛୁଟିରେ ଅଛନ୍ତି ? କ'ଣ ସେମାନଙ୍କୁ ନିଲମ୍ବନ କରାଯାଇଛି ? ସେମାନେ କ'ଣ ଭୂତ କର୍ମଚାରୀ ? ଏଭଳି ପ୍ରଶ୍ନ ଏବେ ଉଙ୍କି ମାରିବାରେ ଲାଗିଛି। ସରକାରୀ କାଗଜପତ୍ରରେ ନାଁ ଥିଲେ ହେଁ କାହିଁକି ସେମାନଙ୍କୁ ଦରମା ମିଳିନି ?

ଚଳିତ ବର୍ଷ ମେ' ୨୩ରେ କମିଶନର ଫର ଟ୍ରେଜେରୀ ଓ ଆକାଉଣ୍ଟ୍ସ(ସିଟିଏ) ସମସ୍ତ ଡ୍ରଇଂ ଓ ଡିସବର୍ସିଂ ଅଫିସର(ଡିଡିଓ)ମାନଙ୍କୁ ଚିଠି ଲେଖିଥିଲା। ଏହି ଚିଠି ସମସ୍ତଙ୍କୁ ଚକିତ କରିବା ଭଳି ବିସଙ୍ଗତିର ଯାଞ୍ଚ ପାଇଁ ଆହ୍ୱାନ ଥିଲା। ଏଥିରେ କୁହାଯାଇଥିଲା ଯେ ୨୦୨୪ ଡିସେମ୍ବର ମାସରୁ ଆଇଏଫଏମଆଇଏସ୍ ? ଅଧୀନରେ ଥିବା ଯେଉଁ ନିୟମିତ/ ଅସ୍ଥାୟୀ କର୍ମଚାରୀଙ୍କ ଦରମା ରିଲିଜ କରାଯାଇ ନାହିଁ ତା'ର ତାଲିକା ଏଥିରେ ଯୋଡ଼ା ଯାଇଛି। ଯଦିଓ କର୍ମଚାରୀଙ୍କ ଆଇଡି କୋଡ ରହିଛି, ତଥାପି ଆଇଏଫଏମଆଇଏସ୍ ?ରେ ସେମାନଙ୍କ ଯାଞ୍ଚ ଅସଂପୂର୍ଣ୍ଣ ରହିଛି। ସେହିପରି ସେମାନଙ୍କ ଏକଜିଟ ପ୍ରକ୍ରିୟା ମଧ୍ୟ କରାଯାଇ ନାହିଁ। ଏହି ଚିଠି ପରେ ୬ ହଜାରରୁ ଅଧିକ ଡିଡିଓଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଛି। ସେମାନଙ୍କୁ ସମ୍ଭବତଃ ୨୩୦ କୋଟିର ସମ୍ଭାବ୍ୟ ସ୍କାମ ଉପରେ ୧୫ ଦିନ ମଧ୍ୟରେ ଜବାବ ଦେବାକୁ କୁହାଯାଇଥିଲା। ସିଟିଏ ଭାସ୍କର ଏଲ କହିଛନ୍ତି, "ଆମେ ତଥ୍ୟର ବିଶ୍ଳେଷଣ ନିୟମିତ କରିଛୁ। ଏହି ସମୟରେ ଏହି ବିଶୃଙ୍ଖଳା ସାମ୍ନାକୁ ଆସିଛି। ମୁଁ ପୁଣିଥରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଏହି ସବୁ ଆକାଉଣ୍ଟରେ କୌଣସି ଦରମା ରିଲିଜ କରାଯାଇନି। ଏହି ତଦନ୍ତ କେବଳ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି କରାଯାଉଛି।"

ଟ୍ରେଜେରୀ ବିଭାଗ ରାଜ୍ୟବ୍ୟାପୀ ସରକାରୀ କର୍ମଚାରୀଙ୍କ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ଏଥିସହ ସମସ୍ତ ଡିଡିଓଙ୍କୁ ସେମାନଙ୍କ ଅଫିସରେ ଯେମିତି କୌଣସି ଅନାଧିକୃତ କର୍ମଚାରୀ କାମ କରୁ ନାହାନ୍ତି, ତା'କୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ଅଧିକାରୀ କହିଛନ୍ତି "କିଛି ପ୍ରକୃତ ମାମଲା ହୋଇଥାଇ ପାରେ। ବଦଳି ଓ ନିଲମ୍ବିତ ନୂଆ ଘଟଣା ନୁହେଁ। କିନ୍ତୁ ଦୀର୍ଘ ୬ ମାସ ହେଲା ଯଦି ଜଣେ ଦରମା ପାଉନାହାନ୍ତି ଓ ତାଙ୍କର ଏକଜିଟ ପ୍ରକ୍ରିୟା ମଧ୍ୟ ହୋଇନାହିଁ, ତା'ହେଲେ ନିଶ୍ଚିତ ଭାବେ ଏହା ଚିନ୍ତାର ବିଷୟ।"

ଏମିତି କହିଲେ ଅର୍ଥମନ୍ତ୍ରୀ: ମଧ୍ୟପ୍ରଦେଶ ଅର୍ଥମନ୍ତ୍ରୀ ଜଗଦୀଶ ଦେବଡା ଘଟଣାକୁ ନେଇ କହିଛନ୍ତି ଯେ "ଯାହା ବି ହେଉଛି ସବୁ କିଛି ନିୟମ ଅନୁସାରେ କରାଯାଉଛି।" ସେ ଏ ପ୍ରସଙ୍ଗରେ ଅଧିକ କିଛି କହି ନାହାନ୍ତି। ଦରମାର ପାଇ ନଥିବା କର୍ମଚାରୀଙ୍କ ମଧ୍ୟରେ ୪୦ ହଜାର ସ୍ଥାୟୀ ଓ ୧୦ ହଜାର ଅସ୍ଥାୟୀ କର୍ମଚାରୀ ରହିଛନ୍ତି। ମିଳିତ ଭାବେ ଏହି କର୍ମଚାରୀଙ୍କ ଦରମା ହେଉଛି ୨୩୦ କୋଟି। ୬ ମାସ ହେଲା ଦରମା ଦିଆଯାଇ ନଥିବାରୁ ବଡ଼ ଧରଣର ଠକେଇ କିମ୍ବା ଭୂତ ପୋଷ୍ଟିଂ ସନ୍ଦେହ ସୃଷ୍ଟି ହୋଇଛି।

୨୩୦ କୋଟି ଟଙ୍କା କୁଆଡ଼େ ଗଲା ? ଯଦି ୫୦ ହଜାର କର୍ମଚାରୀଙ୍କ ମଧ୍ୟରୁ କିଛି ଭୂତ କର୍ମଚାରୀ ବାହାରିଲେ, ତା'ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ବ୍ୟବସ୍ଥା ସହ କିଏ ହେରଫେର କରିଛି ? କ'ଣ ଦରମାର ପିଛିଲା ଭାବେ ଦିଆଯାଇଛି ଓ ବିନା ଯାଞ୍ଚରେ ଦରମା ଉଠିଛି ? କ'ଣ ସରକାର ଜାଣିଶୁଣି ୨୩୦ କୋଟି ଟଙ୍କାର ଠକେଇ ପାଇଁ ପଥ ପରିଷ୍କାର କରିଛନ୍ତି ? କ'ଣ ଏପରି ୫୦ ହଜାର ପୋଷ୍ଟ ଖାଲି ରହିଛି ? ଯଦି ହଁ, ତା'ହେଲେ ସରକାରୀ ବିଭାଗ ଗୁଡ଼ିକ ୯% କମ କର୍ମଚାରୀରେ କେମିତି କାମ କରୁଛନ୍ତି ?

## ନୂଆଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ଅଭିଯୁକ୍ତ ଜଣକ ପୋଲିସ କଣ୍ଟ୍ରୋଲ ରୁମକୁ କଲ୍ କରି ଜୀବନରୁ ମାରିଦେବାକୁ ଧମକ ଦେଇଛି। ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ଗାଜିଆବାଦ ପୋଲିସକୁ ପିସିଆର କଲ୍ ଆସିଥିଲା । ଏହାପରେ ଗାଜିଆବାଦ ପୋଲିସ ଦିଲ୍ଲୀ ପୋଲିସକୁ ଏହା ବିଷୟରେ ସୂଚନା ଦେଇଥିଲା । ଘଟଣାକୁ ନେଇ ପୋଲିସ ଯାଞ୍ଚ କରିବା ପରେ ଅଭିଯୁକ୍ତ ଫୋନ ସୁଇଚ୍ ଅଫ୍ ବୋଲି ଜଣାପଡିଛି । ରେଖା ଗୁପ୍ତା ୧୯୯୫-୯୬ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଚିବ ହୋଇଥିଲେ । ରେଖା ଗୁପ୍ତା ୧୯୯୬ ରୁ ୧୯୯୭ ପର୍ଯ୍ୟନ୍ତ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି ଭାବରେ ରାଜନୀତିରେ ତାଙ୍କର ଯାତ୍ରା ଆରମ୍ଭ କରିଥିଲେ । ରେଖା ପେଶାରେ ଜଣେ ଓକିଲ । ଏହା ପୂର୍ବରୁ ସେ ଜଣେ କାଉନସିଲର ମଧ୍ୟ ଥିଲେ । ଦିଲ୍ଲୀ ବିଜେପିର ମହାସଚିବ ଓ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧକ୍ଷ ଥିବା ରେଖା ଗୁପ୍ତା ଦକ୍ଷିଣ ଦିଲ୍ଲୀ ନଗର ନିଗମ ମେୟର ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି ।



# କରୁଣଙ୍କୁ ଲମ୍ବା ଖେଳାଇବା ଯୋଜନାରେ ଗମ୍ଭୀର



ମୁମ୍ବାଇ: ଘରୋଇ କ୍ରିକେଟ୍, ତା ପରେ ଆଇପିଏଲ୍, ଏବେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ଦ୍ୱିଶତକୀୟ ପାଳି ଖେଳିଥିବା କରୁଣ ନାୟର କିମ୍ବଦନ୍ତି କ୍ରିକେଟର୍ ବିରାଟ କୋହଲିଙ୍କ ୪ନମ୍ବର ସ୍ଥାନ ନେଇ ପାରନ୍ତି। ଏଭଳି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର। କରୁଣଙ୍କ ସୁଯୋଗକୁ ଆହୁରି ଲମ୍ବା କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ଇଂଲଣ୍ଡରେ ଢେର କ୍ରିକେଟ୍ ଖେଳିଛନ୍ତି ସେ ଏହି ଅଭିଜ୍ଞତା ଦଳକୁ ନିଶ୍ଚିତ ଭାବେ ଫାଇଦାରେ ରଖିବ। ୩୩ ବର୍ଷୀୟ ନାୟର ୭ ବର୍ଷ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଥିଲା ବେଳେ ସର୍ଫରାଜ ଖାନଙ୍କ ସ୍ଥାନରେ ଇଂଲଣ୍ଡ ଗସ୍ତରେ ସୁଯୋଗ ପାଇଛନ୍ତି। ପୂର୍ବରୁ ସେ ଏକ ତ୍ରିଶତକ ମାରି ସାରିଥିବାରୁ ଇଂଲଣ୍ଡ ବିପକ୍ଷରେ ବଡ଼ ପାଳି ଖେଳିବାର ଦକ୍ଷତା ରଖନ୍ତି। ଗମ୍ଭୀର ମଧ୍ୟ ତାଙ୍କୁ ଦୃଢ଼ ସମର୍ଥନ କରିଛନ୍ତି। ଇଂଲଣ୍ଡ ଯାତ୍ରା କରିବା ପୂର୍ବରୁ ଆୟୋଜିତ ପ୍ରାକ୍‌ଗସ୍ତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର ମଧ୍ୟ ଯୁବ କ୍ରିକେଟରଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ପରାମର୍ଶ ଦେଇଛନ୍ତି। ଯେଉଁ ଯୁବ କ୍ରିକେଟର୍‌ମାନେ ଘରୋଇ କ୍ରିକେଟ୍ ଖେଳୁଛନ୍ତି, ସେମାନେ ଏହାର ଗୁରୁତ୍ୱ ଜାଣିଛନ୍ତି। କାରଣ ଘରୋଇ କ୍ରିକେଟ୍ ଖେଳୁଥିବା ପର୍ଯ୍ୟନ୍ତ ଜାତୀୟ ଦଳ ପାଇଁ ବାଟ ବନ୍ଦ ହୋଇ ନଥାଏ ବୋଲି କହିଥିଲେ। ଗମ୍ଭୀର ନୂଆ ଅଧିନାୟକ ଶୁବମନ୍ ଗିଲ୍ ବ୍ୟାଟିଂ କ୍ରମ ଓ ସନ୍ତୁଳନ ଚୂଡ଼ାନ୍ତ କରିବା ଲାଗି ଆଉ କିଛି ସମୟ ଦରକାର କରୁଛନ୍ତି। ଇଂଲଣ୍ଡରେ ଆୟୋଜିତ ହେବାକୁ ଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ପରେ ସ୍ଥିତି ସ୍ପଷ୍ଟ ହେବ।ଏହା ପରେ ହିଁ କିଏ କେଉଁ ସ୍ଥାନରେ ଖେଳିବେ, ତାହା ଆମେ କହିପାରିବୁ ବୋଲି ସେ ମତ ରଖିଥିଲେ।

ଇଂଲଣ୍ଡ ବିପକ୍ଷ ପୂରା ଶୃଙ୍ଖଳାରେ ଦୁର୍ଦ୍ଧର୍ଷ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଖେଳିବେନି। ଏକଥା ଏହି ଶୃଙ୍ଖଳା ପାଇଁ ଦଳ ଘୋଷଣା କଲା ବେଳେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସ୍ପଷ୍ଟ କରି ଦେଇଥିଲେ। ଏବେ ବୁମ୍ରା ସବୁ ନହେଲେ ବି ଅନ୍ୟୂନ ତିନିଟି ଟେଷ୍ଟ ଖେଳିବେ ବୋଲି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁବମନ ଗିଲ୍ ସୂଚନା ଦେଇଛନ୍ତି। ବୁମ୍ରାଙ୍କୁ ନେଇ ହୋଇଥିବା ପ୍ରଶ୍ନର ଉତ୍ତର ରଖି ନବ ନିଯୁକ୍ତ ଅଧିନାୟକ ଗିଲ୍ କହିଛନ୍ତି, ଆମ ପାଖରେ ପର୍ଯ୍ୟାପ୍ତ ପେସ୍ ବୋଲର ଅଛନ୍ତି। ଟେଷ୍ଟ ମ୍ୟାଚ୍ ଜିତାଇବାର ଦକ୍ଷତା ରଖୁଥିବା ଯଥେଷ୍ଟ ଦ୍ରୁତ ବୋଲର ଦଳରେ ସାମିଲ କରିଛୁ। ଏକଥା ସତ ଯେ ବୁମ୍ରାଙ୍କ ଉପସ୍ଥିତି ଦଳକୁ ଅତିରିକ୍ତ ଆତ୍ମବିଶ୍ୱାସ ଦେଇଥାଏ। ସେ କେତୋଟି ମ୍ୟାଚ୍ ଖେଳିପାରିବେ, କିଭଳି ଫର୍ମରେ ରହିବେ ସବୁକିଛି ତା ଉପରେ ନିର୍ଭର କରିବ। ଆମେ ଏକ ଦକ୍ଷ ବୋଲିଂ ବାହିନୀ ନେଇ ଇଂଲଣ୍ଡ ଯାଉଥିବାରୁ ଏଥିନେଇ ବିଶେଷ ଚିନ୍ତିତ ନାହୁଁ। ସେହିଭଳି ଗମ୍ଭୀର କହିଥିଲେ, ବୁମ୍ରା କେଉଁ ତିନିଟି ମ୍ୟାଚ୍ ଖେଳିବେ, ସେ ନିଷ୍ପତ୍ତି ନେଇନୁ। ଶୃଙ୍ଖଳାରେ ଆମ ପ୍ରଦର୍ଶନକୁ ଦେଖି ଏବଂ ବୁମ୍ରାଙ୍କ ସହ ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଯାହା ଦଳ ଓ ତାଙ୍କ ପାଇଁ ଠିକ୍ ହେବ ତାହା କରିବୁ।ସବୁକିଛି ପ୍ରଥମ କିଛି ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭରଶୀଳ ରହିବ।

## ବଦଳିଲା ଶୃଙ୍ଖଳା ନାମ

ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳା ଗତ ୧୮ ବର୍ଷ ହେବ ପଟୌଦି ଟ୍ରଫି ପାଇଁ ଖେଳାଯାଉଥିଲା। ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଅଧିନାୟକ ତଥା ଉଭୟ ଭାରତ ଓ ଇଂଲଣ୍ଡ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ମନସୁର ଅଲୀ ଖାନ୍ ପଟୌଦି ତଥା ତାଙ୍କ ପିତା ଇଫତିକାର ଅଲୀ ଖାନ୍ ପଟୌଦିଙ୍କ ନାଁ ଅନୁସାରେ ଏହାକୁ ପଟେଦି ଟ୍ରଫି କୁହାଯାଉଥିଲା। ଏବର୍ଷ କିନ୍ତୁ ଏହି ଟ୍ରଫିର ନାଁକୁ ବଦଳାଇ ଦିଆଯାଇଛି। ନୂଆ। ଟ୍ରଫିର ନାଁ ଦୁଇଦେଶର ଦୁଇ ମହାନ କ୍ରିକେଟର୍ ସଚିନ ତେନ୍ଦୁଲକର ଏବଂ ଜେମ୍ସ ଆଣ୍ଡରସନ୍‌ଙ୍କ ନାଁରେ ସଚିନ-ଆଣ୍ଡରସନ୍ ଟ୍ରଫି ରଖାଯାଇଛି। ସୂଚନାଯୋଗ୍ୟ ଯେ ଭାରତ-ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ସଂପର୍କର ୭୫ ବର୍ଷ ପୂର୍ତ୍ତି ଅବସରରେ ୨୦୦୭ ମସିହାରେ ପଟୌଦି ଟ୍ରଫିର ଶୁଭାରମ୍ଭ ହୋଇଥିଲା। ୧୮ବର୍ଷ ପରେ ଏହାର ନୂଆ ନାମକରଣ ହୋଇଛି।

# କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କଲେ ପୀୟୁଷ ଚାୱଲା



ନୂଆଦିଲ୍ଲୀ,୬।୬(ଏଜେନ୍ସି): ଭାରତୀୟ କ୍ରିକେଟର ପୀୟୁଷ ଚାୱଲା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଗତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ଆଇପିଏଲ ସିଜିନ୍ ଶେଷ ହେବା ପରେ, ସେ ତାଙ୍କର ଅବସର ଘୋଷଣା କରି ଏକ ପୋଷ୍ଟ ସେୟାର କରିଥିଲେ ପୀୟୁଷ ଚାୱଲା ତାଙ୍କ କ୍ରିକେଟ କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ସେୟାର କରି ଏକ ନୋଟ୍ ସେୟାର କରିଥିଲେ ।ଏହା ସହିତ, ସେ କ୍ୟାପସନରେ ଲେଖିଛନ୍ତି, ଏହି ଅଧ୍ୟାୟର ଶେଷ ! ଖେଳର ସମସ୍ତ ଫର୍ମାଟରୁ ଅବସର, ଏହି ସୁନ୍ଦର ଯାତ୍ରା ସମୟରେ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ।

ପଡ଼ିଆରେ ଦୁଇ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ, ଏବେ ଏହି ସୁନ୍ଦର ଖେଳକୁ ବିଦାୟ ଦେବାର ସମୟ ଆସିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧି କରିବାଠାରୁ ଆରମ୍ଭ କରି ୨୦୦୭ ଟି୨୦ ବିଶ୍ୱକପ୍, ୨୦୧୧ ଦିନିକିଆ। ବିଶ୍ୱକପ୍ ଦଳର ଅଂଶ ହେବା ପର୍ଯ୍ୟନ୍ତ, ଏହି ଅବିଶ୍ୱସନୀୟ ଯାତ୍ରାର ପ୍ରତ୍ୟେକ ମୁହୂର୍ତ୍ତ ଏକ ଆଶୀର୍ବାଦଠାରୁ କମ୍ ନୁହେଁ ଏହି ସ୍ମୃତିଗୁଡ଼ିକ ସର୍ବଦା ମୋ ହୃଦୟରେ ରହିବ। ସେ ସମସ୍ତ ଦଳ (ପଞ୍ଜାବ କିଙ୍ଗସ, କେକେଆର, ସିଏସକେ ଏବଂ ଏମଆଇ)କୁ ଧନ୍ୟବାଦ ମଧ୍ୟ ଦେଇଥିଲେ ଯେଉଁମାନଙ୍କ ପାଇଁ ସେ ଖେଳିଥିଲେ ସେ ଲେଖିଛନ୍ତି, ଇଣ୍ଡିଆନ୍ ପ୍ରିମିୟର ଲିଗ୍ ମୋ କ୍ୟାରିୟରର ଏକ ବିଶେଷ ଅଧ୍ୟାୟ ହୋଇଛି ଏବଂ ମୁଁ ଏଥିରେ ଖେଳିବାର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିଛି।

ସେ ବିସିସିଆଇ, ୟୁପିସିଏ (ଉତ୍ତର ପ୍ରଦେଶ କ୍ରିକେଟ୍ ସଂଘ), ଜିସିଏ (ଗୁଜରାଟ କ୍ରିକେଟ୍ ସଂଘ) ଏବଂ ତାଙ୍କର ସମସ୍ତ ପ୍ରଶିକ୍ଷକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ତାଙ୍କ ପରିବାରକୁ ତାଙ୍କର ଶକ୍ତି ବୋଲି ବର୍ଣ୍ଣନା କରି, ସେ ତାଙ୍କ ପିତାଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ଲେଖିଥିଲେ, ମୋର ସ୍ୱର୍ଗତ ପିତାଙ୍କ ବିଶ୍ୱାସ ମୋତେ ଆତ୍ମବିଶ୍ୱାସ ଦେଇଥିଲା ତାଙ୍କ ବିନା ଏହି ଯାତ୍ରା କେବେ ସମ୍ଭବ ହୋଇପାରି ନଥାନ୍ତା।

ସେ ଆହୁରି ଲେଖିଛନ୍ତି, ଆଜି ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ଦିନ, କାରଣ ମୁଁ ଆନୁଷ୍ଠାନିକ ଭାବରେ କ୍ରିକେଟର ସମସ୍ତ ଫର୍ମାଟରୁ ମୋର ଅବସର ଘୋଷଣା କରୁଛି। ଯଦିଓ ମୁଁ କ୍ରିଜ୍ ରୁ ଚାଲିଯାଏ, କ୍ରିକେଟ୍ ସବୁବେଳେ ମୋ ଭିତରେ ରହିବ ଏବେ ମୁଁ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଅପେକ୍ଷା କରିଛି, ଯେଉଁଥିରେ ମୁଁ ଏହି ସୁନ୍ଦର ଖେଳର ଆତ୍ମା ଏବଂ ଶିକ୍ଷାକୁ ମୋ ସହିତ ନେଇ ଚାଲିବି।

# ୬୫୦ କୋଟି ଟଙ୍କା ଆୟ କଲା ଆରସିବି



ନୂଆଦିଲ୍ଲୀ,୬।୬(ଏଜେନସି): ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ସ୍ୱପ୍ନ ଆଇପିଏଲ ୨୦୨୫ରେ ସାକାର ହୋଇଥିଲା। ୧୮ତମ ସିଜିନରେ ଆରସିବି ପ୍ରଥମ ଟ୍ରଫି ଜିତିଥିଲା। ଦଳ ମଧ୍ୟ ଏହାକୁ ବହୁତ ଉତ୍ସାହର ସହିତ ପାଳନ କରିଥିଲା ଆରସିବିକୁ ଆଇପିଏଲ ଦ୍ୱାରା ୨୦ କୋଟି ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୨୦୨୪ ଆର୍ଥିକ ବର୍ଷରେ ବି ଆରସିବି ବମ୍ପର ଆୟ କରିଛି। ଏହା ସହିତ, ଆମେ ଆପଣଙ୍କୁ ଆରସିବିର ମୋଟ ସମ୍ପତ୍ତି ବାବଦରେ ମଧ୍ୟ କହିବୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦୨୪ ଆର୍ଥିକ ବର୍ଷରେ ମୋଟ ପ୍ରାୟ ୬୫୩ କୋଟି ଟଙ୍କା ରୋଜଗାର କରିଛି।

ଏଥିରେ, ଆରସିବି ପ୍ରସାରଣରୁ ୪୨୦ କୋଟି ଟଙ୍କା ରୋଜଗାର କରିଛି ସେହି ସମୟରେ, ପ୍ରାୟୋଜକ ଏବଂ ବିଜ୍ଞାପନରୁ ଆରସିବିର ରୋଜଗାର ୧୨୦ କୋଟି ଟଙ୍କା ହୋଇଛି। ଟିକେଟ୍ ବିକ୍ରି କରି ମଧ୍ୟ ଫ୍ରାଞ୍ଚାଇଜ୍ ବହୁତ ଟଙ୍କା ରୋଜଗାର କରିଛି। ଆରସିବି ଟିକେଟ୍‌ରୁ ପ୍ରାୟ ୬୦ କୋଟି ଟଙ୍କା ରୋଜଗାର କରିଛି। ଫ୍ରାଞ୍ଚାଇଜ୍ ବିଜନେସରୁ ୩୦ କୋଟି ଟଙ୍କା ରୋଜଗାର କରିଛି। ଏହା ସହିତ, ଆରସିବି ଡିଜିଟାଲ୍ ଏବଂ ସୋସିଆଲ ମିଡିଆରୁ ୧୦ କୋଟି ଟଙ୍କା ରୋଜଗାର କରିଛି। ଯଦି ଏଥିରେ ପୁରସ୍କାର ରାଶିକୁ ଯୋଡାଯାଏ, ତେବେ ଆରସିବି ମୋଟ ପ୍ରାୟ ୬୫୩ କୋଟି ଟଙ୍କା ରୋଜଗାର କରିଛି।

ପୂର୍ବରୁ, ୨୦୨୩ ଆର୍ଥିକ ବର୍ଷରେ, ଆରସିବି ପ୍ରାୟ ୨୩୫ କୋଟି ଟଙ୍କା ଏବଂ ୨୦୨୨ ଆର୍ଥିକ ବର୍ଷରେ, ବାଙ୍ଗାଲୋର ପ୍ରାୟ ୨୯୨ କୋଟି ଟଙ୍କା ରୋଜଗାର କରିଥିଲା ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ମୋଟ ସମ୍ପତ୍ତି ପ୍ରାୟ ୧୦୧୨ କୋଟି ଟଙ୍କା ଆଇପିଏଲ ଇତିହାସରେ ଆରସିବି ତୃତୀୟ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ସ୍ଥାନରେ ଅଛି ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଏକ ନମ୍ବରରେ ଅଛି। ମୁମ୍ବାଇର ନେଟ୍ ସମ୍ପତ୍ତି ପ୍ରାୟ ୧୦୨୯ କୋଟି ଟଙ୍କା ଏବଂ ଚେନ୍ନାଇର ନେଟ୍ ସମ୍ପତ୍ତି ପ୍ରାୟ ୧୦୫୯ କୋଟି ଟଙ୍କା। ଆପଣଙ୍କୁ ଜଣାଇ ଦେଉଛୁ ଯେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପାଇଁ ୧୮ ବର୍ଷ ଲାଗିଥିଲା। ଦଳ ୨୦୦୮ ରୁ ୨୦୨୪ ପର୍ଯ୍ୟନ୍ତ ତିନିଥର ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ତିନିଥର ଦଳ ଟାଇଟଲ ଜିତିପାରିନଥିଲା।

# ୱାଲ୍ଟର ନ୍ୟୁଜିଲାଣ୍ଡର ୩ ଫର୍ମାଟର ମୁଖ୍ୟ କୋଚ୍

ୱେଲିଂଟନ,୬।୬: ନ୍ୟୁଜିଲାଣ୍ଡ ପୁରୁଷ କ୍ରିକେଟ ଦଳର ସମସ୍ତ ତିନୋଟି ଫର୍ମାଟର ମୁଖ୍ୟ କୋଚ୍ ହୋଇଛନ୍ତି ବବ୍ ୱାଲ୍ଟର। ଗ୍ୟାରି ଷ୍ଟେଡ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି।

ୱାଲ୍ଟର ୨୦୨୩ ଜାନୁଆରୀରୁ ଚଳିତବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦିନିକିଆ। ଓ ଟି୨୦ ଫର୍ମାଟ କ୍ରିକେଟ ଦଳର କୋଚ୍ ରହିଥିଲେ ଏହା ପୂର୍ବରୁ ସେ ନ୍ୟୁଜିଲାଣ୍ଡର ଓଟାଗୋ ପ୍ରୋଭିନ୍ସ ଏବଂ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟସ ଆସୋସିଏଶନର ୫ ବର୍ଷ କୋଚ୍ ରହିଥିଲେ। ୱାଲ୍ଟରଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୨୩ ବିଶ୍ୱକପ୍ ଏବଂ ଚଳିତବର୍ଷ ପ୍ରାରମ୍ଭରେ ଦିନିକିଆ। ଫର୍ମାଟ ଚାମ୍ପିୟନ୍ସ ଟ୍ରଫିରେରେ ସେମିଫାଇନାଲ ଏବଂ ଗତବର୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା।


# କରାଟେ ଅଫିସିଆଲଙ୍କର କର୍ମଶାଳା ଆରମ୍ଭ

ଭୁବନେଶ୍ୱର,୬।୬ : ଓଡିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ରାଜ୍ୟ ସଂଘ ଟୁରନାମେଣ୍ଟ ଅଫିସିଆଲ ମାନଙ୍କର ଏକ ଦୁଇ ଦିନିଆ କର୍ମ ଶାଳା , ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ୪୦ ଜଣ ଅଫିସିଆଲ ଏହି କର୍ମ ଶାଳାରେ ଯୋଗଦାନ କରିଅଛନ୍ତି । ଚଳିତ ମାସ ୧୧/୦୬/୨୦୨୫ ରୁ ୧୫.୦୬.୨୦୨୫ ମଧ୍ୟରେ ଡ଼େରାଡୁନ ରେ ହେବାକୁ ଥିବା ଜାତୀୟ ସବ ଜୁନିଅର , ଜୁନିଅର ଓ କ୍ୟାଡେଟ କରାଟେ ପ୍ରତିଯୋଗୀତା ନିମନ୍ତେ ଗତ ୧୮/୦୫/୨୦୨୫ ରୁ ଆରମ୍ଭ ହୋଇ ଚାଲିଥିବା ପ୍ରଶିକ୍ଷଣ ଶିବିର ମଧ୍ୟରେ ଏହି ଅଫିସିଆଲ ଟ୍ରେନିଂ ଅନୁଷ୍ଠିତ ହୋଇଅଛି।

ରାଜ୍ୟରେ ଉତ୍କୃଷ୍ଟ ଅଫିସିଆଲ ସୃଷ୍ଟି କରିବା ଦ୍ୱାରା ଉତ୍କୃଷ୍ଟ ପ୍ରତିଯୋଗୀ ଓ ଉନ୍ନତ ମାନର ଖେଳାଳି ସୃଷ୍ଟି ହୋଇପାରିବେ । ଏହି ଉଦ୍ୟଶ ନେଇ ଓଡିଶା ରାଜ୍ୟ କରାଟେ ଡୋ ସଂଘ ନିୟମିତ ଭାବେ ପ୍ରଶିକ୍ଷଣ ଶିବିର , ଅଫିସିଆଲ ଟ୍ରେନିଂ, ବେଲ୍ଟ ଗ୍ରେଡିଙ୍ଗ ଓ ପ୍ରତିଯୋଗୀତା ମାନ ଆୟୋଜନ କରିଆସୁଅଛି ।

ଏହି ଶିବିରରେ :- ଦୀପକ ସାମନ୍ତରା, ଖାରବେଳ ମଲିକ, ରମେଶ ଚନ୍ଦ୍ର ସାହୁ, ଆଶିଷ ରଞ୍ଜନ ମହନ୍ତ, ମନ୍ଟୁ ଯୋଶୀ , ଭବାନୀ ଶଙ୍କର ପଣ୍ଡା , କ୍ରୀଷ୍ଣା ଶିକାରୀ , ଗୋପାଳ ଦୀପ , ଗୋପାଳ ଚନ୍ଦ୍ର ଦାସ , ଶୁଭାଶିଷ ମହାପାତ୍ର , ଅରବିନ୍ଦ ବାରିକ , ଅରବିନ୍ଦ ପଟ୍ଟନାୟକ , ଉମାକାନ୍ତ ବେହେରା, ଆଶୁତୋଷ ପଟନାୟକ , ସନକ ଦେଓ, ହୃଦୟ ଶବର , ଯୋଗେଶ ବେରିହା , ମହମ୍ମଦ ରେହେମତ, ରଶ୍ମୀ ରଞ୍ଜନ ଦାସ , ଶୁଭଶ୍ରୀ ଲେଙ୍କା, ପର୍ନତାପ ଆଚାର୍ଯ୍ୟ , ପଞ୍ଚାନନ ନାୟକ, ସୁମନ୍ତ କୁମାର ପଣ୍ଡା, ଅନୁପମା ସ୍ୱାଇଁ, ରାଜେଶ ମହାପାତ୍ର, ମହେଶ ଡୋରା, କୃଷ୍ଣ ଚନ୍ଦ୍ର ନାୟକ, ଅନୁରାଧା ପାତ୍ର , ମୋନାଲି ସାହୁ, ବ୍ରତତି ପତି , ସୁସ୍ମିନ ପାଲଟାସିଙ୍ଗ, ଚନ୍ଦ୍ର ଶେଖର ଶେଠ , ବିଜନ ଦଲବେହେରା, ସନ୍ତୋଷ ମହାରଣା ଓ ଅବିନାଶ ପୁନ୍ଦିର ଅଂଶ ଗ୍ରହଣ କରିଛନ୍ତି ।

# ୧୫ ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ




ସମ୍ବଲପୁର,୬।୬: ସ୍ଥାନୀୟ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ଏକ ୧୫ ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର ଆଜି ଉଦଘାଟିତ ହୋଇଯାଇଛି । ଜିଲା କିକ୍ ବକ୍ସିଂ ଆସୋସିଏସନ (ୱାକୋ ଓଡିଶା)ର ସମ୍ବଲପୁର ସଭାପତି ଉତ୍ପଳ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ସମାଜସେବୀ ତଥା ଜିଲା ଓକିଲ ସଂଘର ପୁର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

ଏହି ଅବସରରେ ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ, ହେମନ୍ତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସ୍ତରର ମାନ୍ୟତା ପ୍ରାପ୍ତ କିକ୍ ବକ୍ସିଂ ରେଫରୀ ସୁବ୍ରତ ପ୍ରଧାନ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ଥାନୀୟ ବସ୍ତି ଅଂଚଳର ୧୫ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କୁ ମାଗଣାରେ କିକ୍ ବକ୍ସିଂ ପ୍ରଶିକ୍ଷଣ ପ୍ରଦାନ କରାଯିବ । ୧୫ ଦିନ ପରେ ଯେଉଁ ଛାତ୍ରୀଛାତ୍ର ମାନେ ସଠିକ୍ ଦକ୍ଷତା ପ୍ରଦର୍ଶନ କରିପାରିବେ ସେମାନଙ୍କୁ ଆଗାମୀ ଦିନରେ ଉତମ ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବ ବୋଲି ଆସୋସିଏସନର ସଭାପତି ଶ୍ରୀ ଦାସ କହିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଡ. ରଥ ବସ୍ତିର ପିଲାଙ୍କୁ ନେଇ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ନେଇ ଉଚ୍ଚ ପ୍ରଶଂସା କରିଥିଲେ । ଏଥିସହ ଏଥିରେ ଯୋଗ ଦେଇଥିବା ସମସ୍ତ ପ୍ରଶିକ୍ଷାର୍ଥୀ ମାନେ ଉତମ ପ୍ରଶିକ୍ଷଣ ନେଇ ଆଗାମୀ ଦିନରେ ଏହି ଆତ୍ମରକ୍ଷା କଳାକୁ ଉପଯୋଗ କରିବେ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଡେରା ପରିସରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଇ ଥିବାରୁ ପ୍ରଶିକ୍ଷକ ସୁବ୍ରତ ପ୍ରଧାନ ପଶ୍ଚିମାଂଚଳ ଏକତା ମଂଚକୁ ଅଶେଷ ଧନ୍ୟବାଦ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନରେ ସର୍ମିଳ ସାହୁ, ଶିବାଂଶି ତ୍ରିପାଠୀ , ଶ୍ରୀୟାଂଶୀ ପ୍ରିପାଠୀ, ସଂସ୍କାର ବାଗ, ସୁଭମ ପ୍ରଧାନ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

### ଇଣ୍ଟର ସ୍କୁଲ କ୍ରିକେଟ ଆରମ୍ଭ

# ରେଡ କମ୍ବାଇନ କଣ୍ଟାବାଞ୍ଜି ବିଜୟୀ

ବଲାଙ୍ଗିର,୬।୬: ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଓଡିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ଆଜିର ଉଦ୍‌ଘାଟନି ମ୍ୟାଚ ଟି ରେଡ କମ୍ବାଇନ ଓ ବ୍ଲୁ କମ୍ବାଇନ ବଲାଙ୍ଗିର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରେଡ କମ୍ବାଇନ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ରେ ୪ ୱିକେଟ ବିନିମୟରେ ୧୯୨ ରନ ସଂଗ୍ରହ କରିଥିଲେ । ଦଳ ତରଫରୁ ରେବକ ସୁନା ସର୍ବାଧିକ ୫୦ ରନ୍ ସଂଗ୍ରହ କରିଥିଲେ । ବ୍ଲୁ କମ୍ବାଇନ ଦଳ ସଫଳ ବୋଲର ଭାବରେ ସାଇ ପ୍ରୟାସ ୩ ଗୋଟି ୱିକେଟ ନେଇଥିଲେ । ୧୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା ବ୍ଲୁ କମ୍ବାଇନ ଦଳ ସମୁଦାୟ ୧୬୧ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ୩୧ ରନ୍ ରେ ପରାଜିତ ହୋଇଥିଲେ । ବ୍ଲୁ କମ୍ବାଇନ ଦଳ ତରଫରୁ ଶୁଭଙ୍କର ବହିଦାର ସର୍ବାଧିକ ୩୮ ରନ୍ ସଂଗ୍ରହ କରିଥିଲେ । ଆଜିର ଏହି ଉଦ୍‌ଘାଟନି ଉତ୍ସବରେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ଉପ-ସଭାପତି ପ୍ରହଲ୍ଲାଦ ଶତପଥି, ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, ପଦ୍ମଚରଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ସଭ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କ୍ରିକେଟ କୋଚ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରି ଥିଲେ । ଆଜିର ଏହି ମ୍ୟାଚ କୁ ଓସିଏ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

### ସୋନପୁର ପ୍ରିମିୟର ଲିଗ ୩ର ଷଷ୍ଠ ଦିବସ

# ବିଜୟ ଫାଇଟର ଓ ଟିମ୍ ଡୋମିନେଶନ ତରଭା ବିଜୟୀ

ସୁବର୍ଣ୍ଣପୁର,୬।୬: ସୋନପୁର ପ୍ରିମିୟର୍ ଲିଗ୍ ୩ ୟ ସଂସ୍କରଣ ର ଷଷ୍ଠ ଦିବସ ର ପ୍ରଥମ ମ୍ୟାଚ ରେ ଆଜି ସ୍ଥାନୀୟ ଗାନ୍ଧି ଷ୍ଟାଡିୟମ୍ ଠାରେ ବିଜୟ ଫାଇଟର ଓ ସୁପର୍ ଜାଏଂଟସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି । ଅତିଥି ଭାବରେ ଧବଳେଶ୍ୱର ସିଂହ ସରପଂଚ ଗୁନ୍ଦୁଲିଆ ପଂଚାୟତ (ବୌଦ୍ଧ) , ରମେଶ ପ୍ରଧାନ ଡାଇରେକ୍ଟର ନାଇସେଟ କମ୍ପ୍ୟୁଟର ସୋନପୁର, ଓ କାଉନସିଲର ପି. ରାଜ କିଶୋର ରାଓ ଯୋଗ ଦେଇ ମ୍ୟାଚ୍ କୁ ଉଦଘାଟନ କରିଥିଲେ । ଟସ୍ ଜିଣି ବିଜୟ ଫାଇଟର ଦଳ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା । ୨୦ ଓଭର ବିଶିଷ୍ଟ ମ୍ୟାଚ୍ ରେ ସୁପର୍ ଜାଏଂଟସ ଦଳ ୧୮.୦୨ ଓଭର ୧୨୪ ରନ୍ କରି ଅଲ୍ ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଗୌରାଙ୍ଗ ମହା ନନ୍ଦିଆ ୩୮ ରନ୍ ଓ କାଳୀ ଚରଣ ଦାସ ୩୪ ରନ୍ କରିଥିବା ବେଳେ ବିଜୟ ଫାଇଟର ଦଳ ପକ୍ଷରୁ ଶଙ୍କର ଘଡ଼ିଆ ୩ ଟି ୱିକେଟ, ରୋହିତ ବାଗ ୨ ଟି ଓ ଗଣେଶ, ଶୁଭମ, ବିଶାଳ, ଶିକନ, ସୁରେଶ ୧ ଟି ଲେଖାଏଁ ୱିକେଟ ହାସଲ କରି ଥିଲେ । ପ୍ରତି ଉତ୍ତର ରେ ବିଜୟ ଫାଇଟର ଦଳ ୧୫ ଓଭର ରେ ମାତ୍ର ୩ ୱିକେଟ ବିନିମୟରେ ୧୨୭ ରନ କରି ଥିଲେ । ଦଳ ପକ୍ଷରୁ ଶୁଭମ୍ ବିଷ୍ଟ ୪୨ ବଲ ରେ ଅପରାଜିତ ୭୯ ରନ୍, ଆକାଶ ଦୁବେ ୨୦ ରନ୍ ଓ ବିଶାଳ ତରିଆ ୧୧ ରନ୍ କରି ଥିଲେ। ସୁପର୍ ଜାଏଂଟ୍ସ ଦଳ ପକ୍ଷରୁ ଧ୍ରୁବ ପାହାରୀ ଓ ସୁବାସ ମେହେର ଗୋଟାଏ ଲେଖାଏଁ ୱିକେଟ ହାସଲ କରି ଥିଲେ ।ଆଜି ର ପ୍ରଥମ ମ୍ୟାଚ୍ ବିଜୟ ଫାଇଟର ଦଳ ୭ ୱିକେଟ ରେ ବିଜୟୀ ହୋଇଛି । ଫାଇଟର ଦଳ ର ଶୁଭମ୍ ବିଷ୍ଟ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରା ଯାଇଛି । ଖେଳ ର ପ୍ରତ୍ୟକ୍ଷ ଧାରା ବିବରଣୀ ବି.ଏସ.ରାଓ ପ୍ରଦାନ କରିଥିବା ବେଳେ ଶ୍ରିବନ୍ତ ନାୟକ ଓ ସୁରେଶ ବିଶି ମ୍ୟାଚ୍ ପରିଚାଳନା କରିଥିଲେ । ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ ସ୍କୋରର ଭାବେ ଦାୟିତ୍ୱ ତୁଲାଇ ଥିଲେ । ଜିଲ୍ଲା କ୍ରିକେଟ ସଂଘ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର, ସଭ୍ୟ ପ୍ରଦୀପ୍ତ ସେଠୀ, ଏସ ପି ଏଲ୍ ଅଧ୍ୟକ୍ଷ ବି . ସତ୍ୟ ନାରାୟଣ ରାଓ, ସଂପାଦକ ନବ ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ବି . ପୁରୁଷୋତ୍ତମ ପାତ୍ର ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ସେହିପରି ଆଜିର ଦ୍ୱିତୀୟ ମ୍ୟାଚ୍ ମା ମାହେଶ୍ୱରୀ ସ୍ପୋଟିଂ ଓ ଟିମ୍ ଡୋମିନେଶନ ତରଭା ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ ଟିମ୍ ଡୋମିନେଶନ ଦଳ ଟସ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା କ୍ଷ ମା ମାହେଶ୍ୱରୀ ଦଳ ୨୦ ଓଭର ରେ ୧୬.୦୨ ବଲ ରେ ଅଲ୍ ଆଉଟ୍ ହୋଇ ୮୨ ରନ୍ ସଂଗ୍ରଜ କରିଥିଲା କ୍ଷ ଦଳ ପକ୍ଷରୁ ବିକି କହଁର ୧୯ ରନ, ରାଜନ୍ ବେହେରା ୧୪ ରନ୍, ବିକାଶ ଜଗଦଲା ୧୧ ରନ୍ କରିଥିଲେ ଫ ଟିମ୍ ଡୋମିନେଶନ

ଦଳ ପକ୍ଷରୁ ପ୍ରତାପ ସାହୁ ୪ ଟି ଓ ତବ ରେଜ ଖଷନ୍ ୨ ଟି ୱିକେଟ ହାସଲ କରି ଥିଲେ । ଓ ନବାବ ଖଷନ୍, ରାକେଶ, ରାଜେଶ ସାହୁ, ମହମ୍ମଦ ଦିଲାଲ ଓ ବିଶ୍ୱ ରଞ୍ଜନ ସାଗର ଗୋଟାଏ ଲେଖାଏଁ ୱିକେଟ ନେଇଥିଲେ ।ପ୍ରତି ଉତ୍ତର ରେ ଟିମ୍ ଡୋମିନେଶନ ଦଳ ୧୫.୦୨ ବଲ ରେ ୫ ୱିକେଟ୍ ବିନିମୟରେ ୮୭ ରନ୍ କରିଥିଲେ ।ଦଳ ପକ୍ଷରୁ ମହମ୍ମଦ ବିଲାଲ ଅପରାଜିତ ୪୨ ରନ, ରାକେଶ ସାହୁ ଅପରାଜିତ ୧୫ ରନ୍, ପ୍ରଶାନ୍ତ ବିଶି ୧୩ ରନ୍ କରିଥିଲେ । ମା ମାହେଶ୍ୱରୀ ଦଳ ପକ୍ଷରୁ ରାଜନ୍ ବେହେରା ଓ ସ୍ମୃତି ରଞ୍ଜନ ୨ ଟି ଲେଖାଏଁ ୱିକେଟ, ସତ୍ୟମ ସୁନା ଗୋଟାଏ ୱିକେଟ ହାସଲ କରି ଥିଲେ ।ଆଜିର ଦ୍ୱୀତୀୟ ମ୍ୟାଚ୍ ଟିମ୍ ଡୋମିନେଶନ ଳ ୫ ୱିକେଟ ରେ ବିଜୟୀ ହୋଇଛି । ଟିମ୍ ଡୋମିନେଶନ ଦଳ ର ମହମ୍ମଦ ବିଲାଲ୍ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅତିଥି ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।ଅତିଥି ଭାବରେ ମା ଜଗଦମ୍ବା ଏନ୍ ଏକ୍ସ ର ପ୍ରୋପାଇଟର ଶ୍ରୀ ଠାକୁର ମେହେର ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ।

# ଯୌନଶୋଷଣ ବିବାଦରେ ଡବ୍ଲୁଡବ୍ଲୁଇର ପୂର୍ବତନ ଅଧ୍ୟକ୍ଷ ଭିନ୍ସ ମ୍ୟାକମୋହନ

ନୂଆଦିଲ୍ଲୀ,୬।୬: ପୂର୍ବତନ ଡବ୍ଲୁଡବ୍ଲୁଇ ଅଧ୍ୟକ୍ଷ ଭିନ୍ସ ମ୍ୟାକମାହନ ଟିକେଓ ଗ୍ରୁପ ହୋଲ୍ଡିଂସର ପ୍ରାୟ ୨୫୦ ନିୟୁତ ଡଲାର (ପ୍ରାୟ ୨୧,୪୬,୧୧,୨୪,୯୦୦ ଟଙ୍କା) ମୂଲ୍ୟର ଷ୍ଟକ ବିକ୍ରି କରିଛନ୍ତି। ଏହି କମ୍ପାନୀ ହେଉଛି ଡବ୍ଲୁଡବ୍ଲୁଇଏବଂ ୟୁଏଫ୍‌ସିର ମୂଳ କମ୍ପାନୀ। ଭିନ୍ସ ଦୀର୍ଘ ଦିନ ଧରି ଡବ୍ଲୁଡବ୍ଲୁଇର ଜଣେ ଗୁରୁତ୍ୱପୂର୍ଣ୍ଣ ଚେହେରା ଅଟନ୍ତି ଏବଂ ବୃତ୍ତିଗତ କୁସ୍ତି ଜଗତରେ ଜଣାଶୁଣା ।ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ଏହି ବିକ୍ରୟ ଏଣ୍ଡେଭର ଗ୍ରୁପ ହୋଲ୍ଡିଂସ ସହିତ ବ୍ୟକ୍ତିଗତ ଭାବରେ କରାଯାଇଥିଲା ।ଏହି ବିଶାଳ ଷ୍ଟକ ବିକ୍ରୟ ସେତେବେଳେ ହୋଇଛି ଯେତେବେଳେ ମ୍ୟାକମାହନ ଏକ ଯୌନ ଶୋଷଣ ମାମଲା ସାମ୍ନା କରୁଛନ୍ତି। ଏହା ବ୍ୟତୀତ, ସେ ଏକ ନୂତନ ମନୋରଞ୍ଜନ ବ୍ୟବସାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି।୨୦୨୪ ପ୍ରାରମ୍ଭରେ ଅନେକ ବିବାଦ ସାମ୍ନାକୁ ଆସିବା ପରେ, ଡବ୍ଲୁଡବ୍ଲୁଇ ଏବଂ ଟିକେଓ ସହିତ ତାଙ୍କର ସାର୍ବଜନୀନ ଏବଂ ଆର୍ଥିକ ସମ୍ପର୍କ ଧୀରେ ଧୀରେ ଦୁର୍ବଳ ହୋଇଯାଇଛି। ସରକାରୀ ଡକ୍ୟୁମେଣ୍ଟ ଅନୁଯାୟୀ, ବୁଧବାର ପ୍ରତି ଶେୟାର ଡଲାର ୧୫୮.୩୨ ମୂଲ୍ୟରେ କାରବାର ସମାପ୍ତ ହୋଇଥିଲା ।ଜାନୁଆରୀରେ, ମ୍ୟାକମାହନ ଟିକେଓ ର ନିର୍ଦ୍ଦେଶକ ବୋର୍ଡରୁ ଇସ୍ତଫା ଦେଇଥିଲେ ।ଜଣେ ପୂର୍ବତନ ଡବ୍ଲୁଡବ୍ଲୁଇ କର୍ମଚାରୀ ତାଙ୍କ ଉପରେ ଯୌନ ନିର୍ଯ୍ୟାତନା ଏବଂ ଯୌନ ଶୋଷଣର ଅଭିଯୋଗ ଆଣିବା ପରେ ତାଙ୍କୁ ଏହା କରିବାକୁ ପଡ଼ିଥିଲା ମ୍ୟାକମୋହନ ଏହି ଅଭିଯୋଗଗୁଡ଼ିକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛନ୍ତି, ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ